ବର୍ଷ-୨୫, ସଂଖ୍ୟା-୯୯
ଭୁବନେଶ୍ୱର
୧୧, ଏପ୍ରିଲ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 99
Bhubaneswar
11, April, 2025, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ପ୍ରିୟାଂଶଙ୍କୁ ନେଇ ପ୍ରୀତି ଗର୍ବିତ

# ଭାରତ ଆସିଲା ମୋଷ୍ଟୱାଣ୍ଟେଡ ତହବୁର

**ନୂଆଦିଲ୍ଲୀ,୧୦।୪(ମହାଭାରତ):** ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ତହବୁର ହୁସେନ ରାଣାଙ୍କୁ ଗୁରୁବାର ଗିରଫ କରିଛି ଏନଆଇଏ। ଦିଲ୍ଲୀ ପାଲାମ ବିମାନବନ୍ଦରରୁ ଗିରଫ କରାଯାଇଛି। ଗିରଫ ପରେ ଦିଲ୍ଲୀ ପଟିଆଲା ହାଉସ୍ କୋର୍ଟରେ ହାଜର ପାଇଁ ପ୍ରକ୍ରିୟା କରାଯାଉଛି।ମୁମ୍ବାଇ ୨୬/୧୧ ଆତଙ୍କବାଦୀ

## ବିମାନବନ୍ଦରରେ ଗିରଫ

ଆକ୍ରମଣର ୧୭ ବର୍ଷ ପରେ, ମାଷ୍ଟରମାଇଣ୍ଡ ତହବୁର ହୁସେନ ଭାରତ ଫେରିଥିଲେ। ତାଙ୍କୁ ନିଜ ହେପାଜତକୁ ନେଇ ଗିରଫ କରିଛି ଏନଆଇଏ। ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ କୋର୍ଟରେ ହାଜର କରାଯିବ।ଏଥିପାଇଁ ଦିଲ୍ଲୀ ପୋଲିସ ତିନୋଟି ରାସ୍ତା ତିଆରି କରିଛି। ଗୋଟିଏ ଯେଉଁଠାରେ ଏହାକୁ ନିଆଯିବ ଏବଂ ଦୁଇଟି ବିକଳ୍ପ ରାସ୍ତା ତିଆରି କରାଯାଇଛି। ଯାହା ଦ୍ୱାରା ଯଦି କୌଣସି ସମସ୍ୟା ହୁଏ, ତେବେ ଏହି ରାସ୍ତା ବ୍ୟବହାର କରାଯାଇପାରିବ।

ଦିଲ୍ଲୀ ଲିଗାଲ୍ ସର୍ଭିସେସ୍‌ର ଆଡଭୋକେଟ୍ ପୀୟୁଷ ସଚଦେବ ତହବୁର ରାଣାଙ୍କ ପ୍ରତିନିଧି କରିବା ପାଇଁ ପଟିଆଲା ହାଉସ୍ କୋର୍ଟରେ ପହଞ୍ଚିଛନ୍ତି। ସେ ତହବୁର ରାଣାଙ୍କ ପକ୍ଷରୁ କୋର୍ଟରେ ଯୁକ୍ତି ଉପସ୍ଥାପନ କରିବେ। ଏହା ପରେ ହିଁ ପରବର୍ତ୍ତୀ ପ୍ରକ୍ରିୟା ସମାପ୍ତ ହେବ। ତହବୁର ରାଣା ଏକ ଦଶନ୍ଧିରୁ ଅଧିକ ସମୟ ଧରି ଆମେରିକୀୟ ଜେଲରେ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସ ପରେ ତାଙ୍କୁ ଭାରତ ଅଣାଯାଇପାରିଲା। ଭାରତରେ ତାଙ୍କୁ ଗିରଫ କରିପାରେ ବୋଲି ସେ ଭୟ କରୁଥିଲେ। ଏହି ଆଧାରରେ ସେ ଆମେରିକୀୟ କୋର୍ଟରୁ ଖସିଯିବାକୁ ମଧ୍ୟ ଚେଷ୍ଟା କରିଥିଲେ।




ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଅଭିଯୁକ୍ତ ତହୁର ରାଣାଙ୍କୁ ଆମେରିକାରୁ ପ୍ରତ୍ୟର୍ପଣ କରାଯିବା ପରେ ପଟିଆଲା ହାଉସ କୋର୍ଟରେ ହାଜର କରାଯିବ। ବ୍ୟତୀତ, କୋର୍ଟ ବାହାରେ ଅନ୍ୟାନ୍ୟ ଅର୍ଦ୍ଧସାମରିକ ବାହିନୀର କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି ଏବଂ କୌଣସି ଅପ୍ରୀତିକର ଘଟଣା ଏଡାଇବା ପାଇଁ ପରିଦର୍ଶକମାନଙ୍କୁ କଡ଼ା ଯାଞ୍ଚ କରାଯାଉଛିତିହାର ଜେଲ ଅଧିକାରୀମାନେ କହିଛନ୍ତି ଯେ ରାଣାଙ୍କୁ ଏକ ହାଇ ସିକ୍ୟୁରିଟି ଜେଲ ୱାର୍ଡରେ ରଖିବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି ଏବଂ ସେମାନେ କୋର୍ଟଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଛନ୍ତି। ତହୁର ରାଣାଙ୍କ ଉପରେ ଡେଭିଡ କୋଲମ୍ୟାନ ହେଡଲି, ଲସ୍କର-ଏ-ତୈବା, ହରକତ-ଉଲ-ଜିହାଦି ଇସଲାମି ଏବଂ ଅନ୍ୟାନ୍ୟ ପାକିସ୍ତାନୀ ଆତଙ୍କବାଦୀଙ୍କ ସହ ମିଶି ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ରଚନା କରିବାର ଅଭିଯୋଗ ଅଛି।

ପାକିସ୍ତାନ ଗୁରୁବାର କହିଛି ଯେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅଭିଯୁକ୍ତ ତହୁର ରାଣା ସହିତ ଏହାର କୌଣସି ସମ୍ପର୍କ ନାହିଁ ପାକିସ୍ତାନ କହିଛି ଯେ ତହୁର ରାଣା ଜଣେ କାନାଡିଆନ ନାଗରିକ ଏବଂ ପ୍ରାୟ ଦୁଇ ଦଶନ୍ଧି ଧରି ତାଙ୍କର ପାକିସ୍ତାନୀ କାଗଜପତ୍ରକୁ ଅପଡେଟ କରିନାହାଁନ୍ତି।ମୁମ୍ବାଇ ଆକ୍ରମଣରେ ୧୭୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହା ଭାରତ ପାଇଁ ଏକ ବଡ଼ କୂଟନୈତିକ ବିଜୟ ପାକିସ୍ତାନୀ ବଂଶୋଦ୍ଭବ କାନାଡିଆନ ନାଗରିକ ୬୪ ବର୍ଷୀୟ ରାଣା, ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଡେଭିଡ୍ କୋଲମ୍ୟାନ୍ ହେଡଲିର ଜଣେ ଘନିଷ୍ଠ ସହଯୋଗୀ ରହିଆସିଛନ୍ତି।

ଦିଲ୍ଲୀର ପାଲମ ବିମାନବନ୍ଦରରେ ତାଙ୍କ ବିମାନ ଅବତରଣ କରିବା ପୂର୍ବରୁ, ଲାଲକିଲ୍ଲା ଏବଂ ଜାମା ମସଜିଦ ଉପରେ ବୋମା ମାଡ଼ କରିବାକୁ ଧମକ ଦିଆଯାଇଥିଲା। ଏହାକୁ ନେଇ ଗୁଇନ୍ଦା ବିଭାଗ ସତର୍କ ଅଛନ୍ତି ପୁଲିସ ଏହି ଘଟଣାର ତଦନ୍ତ କରୁଛି। ଯେତେବେଳେ ତହବୁର ରାଣାଙ୍କୁ ଦିଲ୍ଲୀ ଅଣାଯାଉଥିଲା, ସେତେବେଳେ ଲାଲକିଲ୍ଲା ଏବଂ ଜାମା ମସଜିଦରେ ବୋମା ପକାଇବା ପାଇଁ ଏକ ଧମକପୂର୍ଣ୍ଣ ଫୋନ୍ ଆସିଥିଲା। ଧମକପୂର୍ଣ୍ଣ କଲ୍ ଆସିବା ମାତ୍ରେ ଦିଲ୍ଲୀ ପୋଲିସଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ସକ୍ରିୟ ହୋଇଗଲେ ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ, ତଦନ୍ତକାରୀ ସଂସ୍ଥାଗୁଡ଼ିକ ଉଭୟ ସ୍ଥାନର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ, କିନ୍ତୁ କିଛି ସନ୍ଦେହଜନକ ମିଳି ନଥିଲା ଦିଲ୍ଲୀ ପୁଲିସ କହିଛି ଯେ, ଏହି କଲ୍ ନକଲି ଥିଲା। କିଏ ଫୋନ୍ କରିଥିଲା ? ପୁଲିସ ତଦନ୍ତ କରୁଛି ଦିଲ୍ଲୀ ଅଗ୍ନିଶମ ବିଭାଗର ଅଧିକାରୀ କହିଛନ୍ତି ଯେ, ଗୁରୁବାର ସକାଳ ୯ଟା ୩ରେ ସ୍ମାରକୀ ପରିସରରେ ଏକ ବୋମା ଥିବା ସୂଚନା ମିଳିଥିଲା ଦଳଗୁଡ଼ିକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରତ୍ୟେକ କୋଣର ତଦନ୍ତ କରିଥିଲେ। ଯାଞ୍ଚ ସମୟରେ କୌଣସି ସ୍ଥାନରେ କୌଣସି ସନ୍ଦେହଜନକ ଜିନିଷ ମିଳି ନଥିଲା।

# ବର୍ଷା ଆଣିଲା ଆଶ୍ୱସ୍ତି

ଭୁବନେଶ୍ୱର,୧୦।୪(ମହାଭରତ): ଲଘୁଚାପ ପ୍ରଭାବରେ ଓଡ଼ିଶା ପାଗରେ ସାମାନ୍ୟ ପରିବର୍ତ୍ତନ ଆସିଛି। ଦିନର ତାପମାତ୍ରା ୨ରୁ ୩ ଡିଗ୍ରି ପର୍ଯ୍ୟନ୍ତ ହ୍ରାସ ପାଇଛି। ଆଜି ରାତିରେ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ହେବାରୁ ଗରମରୁ ତ୍ରାହି ମିଳିଛି। କଟକ, ନୟାଗଡ଼, ପୁରୀ, ଜଗତସିଂହପୁର ପ୍ରମୁଖ ଜିଲ୍ଲାରେ ରାତି ୧୦ଟା ପରେ ପବନ ସହ ବର୍ଷା ହୋଇଥିଲା। ଫଳରେ ଲୋକମାନଙ୍କୁ ତ୍ରାହି ମିଳିଛି। ପବନ ହେବାରୁ ବିଭିନ୍ନ ସ୍ଥାନରେ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା।

ମାଲକାନଗିରି ଜିଲ୍ଲାରେ ଆଜି ସନ୍ଧ୍ୟାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ମାଥିଲି ବ୍ଲକର ସାଲିମି ପଂଚାୟତର କଂସାରିପୁଟ ଗ୍ରାମରେ ବଜ୍ରାଘାତରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆଜି ସନ୍ଧ୍ୟାରେ ହଠାତ ପ୍ରବଳ ପବନ ବହିବା ସହ ଘଡଘଡି ମାରିଥିଲା କଂସାରିପୁଟ ଗ୍ରାମର ଅଜୟ ନାୟକଙ୍କ ପତ୍ନୀ ଛବି ନାୟକ(୪୦) ବାହାରେ ଛିଡ଼ା ହୋଇଥିଲେ ଏବଂ ପୁଅ ଚନ୍ଦନ ନାୟକ(୧୭) ବାହାର ପିଣ୍ଡାରେ ଶୋଇଥିଲା ଅଚାନକ ବିଜୁଳି ମାରିବା ସହ ଛବିଙ୍କ ଉପରେ ବଜ୍ରାଘାତ ହୋଇଥିଲା ।ଫଳରେ ଘଟଣା ସ୍ଥଳରେ ହିଁ ଛବିଙ୍କର ମୃତ୍ୟୁ ହୋଇଥିବା ବେଳେ ପୁଅ ଚନ୍ଦନ ଗୁରୁତର ଆହତ ହୋଇଥିଲେ।

# ଆଇଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୧୦।୪ (ମହାଭାରତ) :** ଆଜି ଓଡ଼ିଶା ସରକାର ଭାରତୀୟ ପ୍ରଶାସନିକ ସେବା କ୍ୟାଡରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏହି ଅଦଳବଦଳରେ ବର୍ତ୍ତମାନ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଆରାଧନା ଦାସଙ୍କୁ ବିଭାଗର ଯୁଗ୍ମ ସଚିବ ଭାବରେ ନିଯୁକ୍ତ କରାଯାଇଛି। ଧରମ ହାଂସଦା ଜଙ୍ଗଲ ପରିବେଶ ବିଭାଗର ଯୁଗ୍ମ ସଚିବ, ରୀନା ମହାପାତ୍ର ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗର ଯୁଗ୍ମ ସଚିବ ନିଯୁକ୍ତ କରାଯାଇଛି।

# କେନ୍ଦୁଝରରେ ମୁଖ୍ୟମନ୍ତ୍ରୀ





**କେନ୍ଦୁଝର,୧୦।୪(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦିନିକିଆ କେନ୍ଦୁଝର ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ରିଜର୍ଭ ପୁଲିସ ଗ୍ରାଉଣ୍ଡ ଠାରେ ପହଞ୍ଚି ହ୍ୟାଣ୍ଡବଲ ଷ୍ଟାଡିୟମ ଯାଇ ସେଠାରେ ଚାଲିଥିବା ୩୯ତମ ସବ ଜୁନିୟର ବାଳକ ହ୍ୟାଣ୍ଡବଲ ଚମ୍ପିୟାନ ସିପରେ ଯୋଗ ଦେଇଥିଲେ ଓ ପରେ ମଣ୍ଡଳପାଟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ। ଏହି ଅବସରରେ ଶିକ୍ଷା ଓ କ୍ରୀଡ଼ାକୁ ନେଇ କାର୍ଯ୍ୟକାରୀ ହେବାକୁ ଥିବା ଯୋଜନା ସଂପର୍କରେ ଘୋଷଣା କରିଛନ୍ତି।

> **କ୍ରୀଡ଼ା ଓ ଶିକ୍ଷାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି**

ମଣ୍ଡଳପାଟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ଅନେକ ଛାତ୍ର ଛାତ୍ରୀ ଜିଲ୍ଲା, ରାଜ୍ୟ ତଥା ଭାରତ ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସୈନ୍ୟ ବିଭାଗ ଓ ପ୍ରଶାସନିକ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଅନେକ ଅବସର ନେଲେଣି ନିକଟରେ ଦେଶ ମାତୃକାର ସେବାରେ ସହିଦ ହୋଇଥିବା ରାଜକିଶୋର ମୁଣ୍ଡା ଏ ବିଦ୍ୟାଳୟର ଜଣେ ସୁନାମଧନ୍ୟ ଛାତ୍ର ଥିଲେ। ଏ ବିଦ୍ୟାଳୟ ଆଜି ତାଙ୍କ ବଳିଦାନରେ ଗୌରବାନ୍ୱିତ ସେଭଳି ବୀର ସନ୍ତାନଙ୍କ ପାଇଁ କେବଳ ଏ ବିଦ୍ୟାଳୟ ନୁହଁ, କେନ୍ଦୁଝର ଜିଲ୍ଲା ନୁହଁ ବରଂ ସମଗ୍ର ଓଡିଶା ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟରେ ଶିକ୍ଷାର ବିକାଶକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରାଜ୍ୟ ସରକାର ବିଦ୍ୟାଳୟ ଶିକ୍ଷା ବଜେଟକୁ ୩୧ ହଜାର କୋଟି ଟଙ୍କାରୁ ଅଧିକ କରିଛନ୍ତି ଯାହା ପୂର୍ବ ବର୍ଷ ତୁଳନାରେ ୧୮ ପ୍ରତିଶତ ଅଧିକ ଏବଂ ସମସ୍ତ ବିଭାଗ ମଧ୍ୟରେ ସର୍ବାଧିକ ଆବଣ୍ଟନ ଏହି ଅଧିକ ଖର୍ଚ୍ଚ ରାଜ୍ୟରେ ଶିକ୍ଷା ପାଇଁ ଉତ୍କୃଷ୍ଟ ଭିତ୍ତିଭୂମି ଗଢି ତୋଳିବାରେ ସାହାଯ୍ୟ କରିବ ଶିକ୍ଷାର ବିକାଶ ପାଇଁ ଅନେକ ମହତକାଂକ୍ଷୀ ଯୋଜନା ଆରମ୍ଭ କରାଯାଇଛି

■ପୃ-୮

# ଆଜିଠୁ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ

ଭୁବନେଶ୍ୱର,୧୦।୪(**ମହାଭାରତ**): ଓଡିଶାରେ ଆସନ୍ତାକାଲିଠାରୁ ଲାଗୁ ହେବ ଆୟୁଷ୍ମାନ୍ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। କଟକ ବାଲିଯାତ୍ରା ପଡିଆରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡା ଏହି ଯୋଜନାର ଶୁଭାରମ୍ଭ କରିବେ। କାର୍ଯ୍ୟକ୍ରମରେ ତାଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ ଉପସ୍ଥିତ ରହିବେ। ଶୁଭାରମ୍ଭ ଦିନ ୧୪୦୫ ପ୍ରାଥମିକ ଚିକିତ୍ସାଳୟରେ ଏହି କାର୍ଡ ବଣ୍ଟନ କରାଯିବ। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମନ୍ତ୍ରୀ ଉପସ୍ଥିତ ରହିବେ। ୧୩ ଜିଲ୍ଲାରେ ମନ୍ତ୍ରୀ ମାନଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ ହେବ। କେନ୍ଦ୍ରାପଡାରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ନୟାଗଡରେ ସୁରେଶ ପୂଜାରୀ, ନବରଙ୍ଗପୁରରେ ରବି ନାରାୟଣ ନାଏକ , ଢେଙ୍କାନାଳରେ କୃଷ୍ଣଚନ୍ଦ୍ର ମହାପାତ୍ର, ଜଗତସିଂହପୁରରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, କେନ୍ଦୁଝରରେ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଖୋରଧାରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ପୁରୀରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୟୂରଭଞ୍ଜରେ କୃଷ୍ଣଚନ୍ଦ୍ର ମହାପାତ୍ର, ଗଞ୍ଜାମରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଯାଜପୁର ଜିଲ୍ଲାରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଆୟୁଷ୍ମାନ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

ଅନ୍ୟପକ୍ଷରେ ଆସନ୍ତା କାଲିଠାରୁ ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରୀୟ ଅଧକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା । ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧ଟାରେ ଶ୍ରୀ ନଡ୍ଡା ଭୁବନେଶ୍ୱର ବିମାନବନ୍ଦରରେ ଓହ୍ଲାଇବେ। ଏହାପରେ ଶ୍ରୀ ନଡ୍ଡା କଟକର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ଐତହାସିକ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଲୋକାର୍ପଣ କରିବେ। ଓଡିଶାର ୩ କୋଟି ୫୦ଲକ୍ଷ ଲୋକ ଏହି ଯୋଜନାରେ ଲାଭାନ୍ୱିତ ହେବେ। ରାଷ୍ଟ୍ରୀୟ ଅଧକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା କଟକସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପେଡିଆଟ୍ରିକର ନୂତନ ଭବନର ଉଦ୍‌ଘାଟନ କରିବେ। ଶ୍ରୀ ନଡ୍ଡାଙ୍କର ଭୁବନେଶ୍ୱରସ୍ଥିତ ସିପେଟ୍ ଓ ଏମ୍ସ ମେଡିକାଲ କଲେଜ ଯିବାର କାର୍ଯ୍ୟକ୍ରମ ରହିଛି। ସଂଧ୍ୟାରେ ପୁରୀଠାରେ ହେବାକୁ ଥିବା ରାଜ୍ୟର ସାଂସଦ ଓ ବିଧାୟକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ନଡ୍ଡା ବିଧିବଦ୍ଧଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛିବୋଲିରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ।

# ଅଲିମ୍ପିକ୍ସରେ ସାମିଲ ହେଲା କ୍ରିକେଟ

**ନୂଆଦିଲ୍ଲୀ,୧୦।୪(ମହାଭାରତ):** ତିନି ବର୍ଷ ପରେ ହେବାକୁଥିବା ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସରେ କ୍ରିକେଟ୍ ଫେରିବାକୁ ଯାଉଛି। ଏବେ କିଛି ନୂତନ ନିୟମ ମଧ୍ୟ ଆସିଛି। କେବଳ ୬ଟି ଦଳ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରିବେ।୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ବହୁତ ସ୍ୱତନ୍ତ୍ର ହେବାକୁ ଯାଉଛି। କାରଣ ୧୨୮ ବର୍ଷ ପରେ ଏଥିରେ କ୍ରିକେଟ୍ ପୁନରାଗମନ କରିବାକୁ ଯାଉଛି। କ୍ରିକେଟ ଖେଳ ଶେଷ ଥର ପାଇଁ ୧୯୦୦ ମସିହାରେ ଅଲିମ୍ପିକ୍ସରେ ସାମିଲ ହୋଇଥିଲା। ୨୦୨୮ ଅଲିମ୍ପିକ୍ସର ଆୟୋଜକମାନେ ନିଶ୍ଚିତ କରିଛନ୍ତି ଯେ, ମ୍ୟାଚଗୁଡ଼ିକ ଟି-୨୦ ଫର୍ମାଟରେ ଖେଳାଯିବ। ଏହା ବ୍ୟତୀତ, ଏହା ମଧ୍ୟ ପ୍ରକାଶ ପାଇଛି ଯେ, ପୁରୁଷ କ୍ରିକେଟ ହେଉ କି ମହିଳା କ୍ରିକେଟ ହେଉ ବିଶ୍ୱର କେବଳ ୬ ଟି କ୍ରିକେଟ ଦଳ ୨୦୨୮ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରିବେ। ଯଦି ଆମେରିକା ଅଲିମ୍ପିକ୍ସ ୨୦୨୮ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସିଧାସଳଖ ପ୍ରବେଶ ପାଏ, ତେବେ ଯୋଗ୍ୟତା ପାଇଁ କେବଳ ୫ଟି ସ୍ଥାନ ଖାଲି ରହିବ। ଯଦି ଦଳଗୁଡ଼ିକ ରାଙ୍କିଙ୍ଗ ଆଧାରରେ ଯୋଗ୍ୟତା ଅର୍ଜନ କରନ୍ତି, ତେବେ ବର୍ତ୍ତମାନ ପୁରୁଷ ଟି-୨୦ରେ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲ୍ୟାଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ବିଶ୍ୱର ଶ୍ରେଷ୍ଠ-୫ ଦଳ ରହିଛନ୍ତି। ମହିଳା ଟି-୨୦ ଦଳର ରାଙ୍କିଙ୍ଗରେ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ପ୍ରଥମ ୫ ସ୍ଥାନରେ ଅଛନ୍ତି। ଭାରତ-ପାକିସ୍ତାନ ମ୍ୟାଚ୍ ବହୁ ଦଶନ୍ଧି ଧରି କ୍ରିକେଟ୍ ଜଗତରେ ଉତ୍ସାହ ଆଣିଆସୁଛି।

## ସଡକ ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ,୧୦।୪(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ାଠାରେ ସଡ଼କ ଦୁର୍ଘଟଣା ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାର ବର୍ଗଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ୱାକ୍‌ଫ ପ୍ରସଙ୍ଗ ଘୋଡ଼ାଇବାକୁ ଚେଷ୍ଟା କରାଯାଉଛି : ପ୍ରଭାତ

ଭୁବନେଶ୍ୱର,୧୦।୪(ମହାଭାରତ): ୱାକଫ ପ୍ରସଙ୍ଗରେ ସଂସଦରେ ବିଜେଡିର ନିଷ୍ପତ୍ତି ପରିବର୍ତ୍ତନ ନେଇ ବରିଷ୍ଠ ନେତା ପ୍ରଭାତ ତ୍ରିପାଠୀ ସସ୍ମିତ ପାତ୍ର ଓ ଭି.କେ ପାଣ୍ଡିଆନଙ୍କୁ ସମାଲୋଚନା କରିବା ପରେ ଗତକାଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଗଣମାଧ୍ୟମ ସମ୍ମୁଖରେ ପ୍ରଭାତ ତ୍ରିପାଠୀ ଦଳର କେହି ନୁହନ୍ତି ବୋଲି କହିବା ସହ ଚିଟଫଣ୍ଡ ମାମଲାରେ ସେ ଜେଲ ଯିବା କଥା କହିଛନ୍ତି। ଏହି ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମରେ ପ୍ରଭାତଙ୍କ ଉପରୁ ୨୦୧୭ରେ ବିଜେଡି ପକ୍ଷରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଥିବା ଏକ ଚିଠି ଘୂରି ବୁଲୁଛି। ତେବେ ଆଜି ନବୀନଙ୍କ ବୟାନ ଉପରେ ପ୍ରଭାତ ତ୍ରିପାଠୀ କାଉଣ୍ଟର ଜବାବ ରଖିଛନ୍ତି। ୱାକଫ ଝଡ଼ରୁ ବର୍ତ୍ତିବା ପାଇଁ ନବୀନ ମିଛ ବାହାନା କରୁଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି।

## ନବୀନଙ୍କ ଭଳି ଅଭିଜ୍ଞ ନେତାଙ୍କୁ ମିଛ ଆଦୌ ଶୋଭା ପାଏନି



ସାମ୍ବାଦିକଙ୍କୁ ସୂଚନା ଦେଇ ପ୍ରଭାତ କହିଛନ୍ତି, ମୁଁ ନିଲମ୍ବନ ପ୍ରତ୍ୟାହାର ପାଇଁ ଅନୁରୋଧ କରି ନ ଥିଲି। ଚିଟଫଣ୍ଡ କେସ ବିଚାରାଧୀନ ଅଛି। ୨୦୨୪ ନିର୍ବାଚନରେ ମୁଁ ଦଳ ପାଇଁ ପ୍ରଚାର କରିଛି। ମୋତେ ଦଳ ବିଭିନ୍ନ ସମୟରେ ବିନିଯୋଗ କରିଛି। ସେହିପରି ପ୍ରେସମିଟ କରି ନବୀନଙ୍କ ସହ ପାଣ୍ଡିଆନଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। କହିଛନ୍ତି କାଲିଯାଏଁ ଖୋଦ ନବୀନ ଏବଂ ଦଳର ନମ୍ବର ଟୁ ମୁଖିଆ। ସାଜିଥିବା ବ୍ୟକ୍ତି ମୋତେ ପ୍ରଶଂସା କରୁଥିବାବେଳେ ହଠାତ ମୋତେ ଦଳରୁ କାଢିଦେଲେ। ମୁଁ ଦଳରେ ଆଉ ନାହିଁ ବୋଲି ଭାରି ସହଜରେ କହିଦେଲେ। ପ୍ରକୃତ କଥା ହେଲା ଦଳର ଭିତିରି ମୁଖିଆ। ସାଜିଥିବା ବ୍ୟକ୍ତି ଜଣକୁ ନିଜକୁ ବଞ୍ଚାଇବାକୁ ଏଭଳି ନବୀନ ପଟ୍ଟନାୟକୁ ଢାଲ ସଜାଇ ଏଭଳି ଷଡଯନ୍ତ୍ର ରଚିଛନ୍ତି ବୋଲି କହିଛନ୍ତି ପ୍ରଭାତ ।

ପ୍ରଭାତ ଆହୁରି ମଧ୍ୟ କହିଛନ୍ତି, ପୂର୍ବରୁ ମୋ ବିରୋଧରେ ଯାହା ଚିଟଫଣ୍ଡ ଦୁର୍ନୀତି ମାମଲା ଥିଲା, ତାହା ହାଇକୋର୍ଟ ଏବେ ବି ବିଚାରାଧିନ ରହିଛି । ଏଯାଏଁ ଏନେଇ କିଛି ବି ନିଷ୍ପତ୍ତି ଶୁଣାଇନାହାଁନ୍ତି କୋର୍ଟ। ମୁଁ ଦୋଷୀ ବୋଲି କୌଣସି ନିଷ୍ପତ୍ତି ହୋଇନାହିଁ। ଫଳରେ ବିଜେଡି ୨୦୧୭ରେ ମୋ ଉପରେ ଲାଗିଥିବା ସସପେନ୍‌ସନକୁ ପ୍ରତ୍ୟାହାର କରିଥିଲା। ସେବେଠାରୁ ୨୦୨୪ ନିର୍ବାଚନ ଭିତରେ ମୁଁ ବାଙ୍କୀ ହେଉ କି ପୂରା କଟକ ଜିଲାରେ ବିଭିନ୍ନ ସ୍ଥାନରେ ହୋଇଥିବା ସଭା ସମିତିରେ ଉପସ୍ଥିତ ଥିଲି । ୨୦୨୪ ନିର୍ବାଚନ ବେଳେ ମୋର କାମକୁ ନେଇ ଖୋଦ ଦଳର ଦୁଇ ନମ୍ବର ମୁଖିଆ ମୋତେ ମଞ୍ଚ ଉପରେ ପ୍ରଶଂସା କରିଥିଲେ । ଏହାବାଦ ଦଳର ରାଜ୍ୟ ସଭାପତି ମଧ୍ୟ ମୋତେ ଲୋକଙ୍କ ଆଗରେ ପ୍ରଶଂସା କରିଛନ୍ତି । ହେଲେ କାଲି ହଠାତ ମୋତେ ଦଳରୁ କାଢିଦେଲେ ? ମୁଁ ଦଳରେ ନାହିଁ ବୋଲି ଜାତୀୟ ଗଣମାଧ୍ୟମରେ କହିଦେଲେ।

ନିଜକୁ ଦୁଇ ନମ୍ବର ମୁଖିଆ କହୁଥିବା ବ୍ୟକ୍ତିଙ୍କ ସ୍ଥିତି ଦଳରେ ଟଳମଳ। ଏହାଛଡା ରାଜ୍ୟ ସଭାରେ ସସ୍ମିତ ପାତ୍ର କାହା ପ୍ରରୋଚନାରେ ୱକଫକୁ ସମର୍ଥନ କଲେ ସେକଥା ଦଳର ସବୁ ନେତା ଜାଣିଥିଲେ ବି ପ୍ରକୃତ ସତ ଲୁଚାଇବାକୁ ସେ ଚକ୍ରାନ୍ତ କରିଛନ୍ତି। ମୋତେ ଲୋକଙ୍କ ଆଗରେ ଦୋଷୀ ସାବ୍ୟସ୍ତ କରିବାକୁ ଚେଷ୍ଟା କରୁଛନ୍ତି ।ତା'ଛଡା ଗଣମାଧ୍ୟମରେ ମୁଁ ଯାହା କହିଛି ବୋଲି ଭାଇରାଲ ହେଉଛି ମୁଁ ତ କାହାକୁ କିଛି କହିନାହିଁ । କିଛି ବିଚାର ନକରି ମୋ ବିରୋଧରେ ଏଭଳି ମହାମିଥ୍ୟା କହିବା ଅନ୍ତତଃ ନବୀନ ପଟ୍ଟନାୟକଙ୍କ ଭଳି ଅଭିଜ୍ଞ ନେତାଙ୍କୁ ଆଦୌ ଶୋଭା ପାଏନି ବୋଲି କହିଛନ୍ତି ପ୍ରଭାତ।

# ବିହାର ଓ ୟୁପିରେ କାଳବୈଶାଖୀ ତାଣ୍ଡବ, ୪୦ ମୃତ

ପାଟନା,୧୦।୪(ମହାଭାରତ): ବିହାର ଓ ଉତର ପ୍ରଦେଶରେ କାଳବୈଶାଖୀରେ ୪୦ ଜଣଙ୍କର ମୃତ୍ୟୁ ଘଟିଛି। ବିହାରର ର ନାଳନ୍ଦା, ସିୱାନ, ଭୋଜପୁର, ଗୋପାଳଗଞ୍ଜ, ବେଗୁସରାଇ, ସରନ, ଗୟା, ଜେହାନାବାଦ ଏବଂ ଅରାଲରେ ଗୁରୁବାର ଅବରାହ୍ନରେ ବଜ୍ରପାତ ଏବଂ ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ, କାନ୍ଥ, କଲଭର୍ଟ ଆଦି ଭୁଶୁଡି ପଡିବାରୁ ବହୁ ଧନଜୀବନ କ୍ଷତି ହୋଇଛି। ଏହି ଜିଲାଗୁଡ଼ିକରେ ମୋଟ ୩୧ ଜଣ ପ୍ରାଣ ହରାଇଥିବା କୁହାଯାଉଛି। ଯେଉଁଥିରେ ନାଳନ୍ଦାରେ ସର୍ବାଧିକ ୧୩ ଜଣଙ୍କ ଜୀବନ ଯାଇଥିଲା। ଏମାନଙ୍କ ମଧ୍ୟରୁ ଗୋଟିଏ ବି ମୃତ୍ୟୁ ବଜ୍ରପାତ ଯୋଗୁଁ ହୋଇନାହିଁ।



ଉତର ପ୍ରଦେଶରେ ବଜ୍ରପାତ ଏବଂ ପ୍ରବଳ ବର୍ଷା ଯୋଗୁଁ କାନ୍ଥ ଭୁଶୁଡ଼ି ପଡ଼ିବାରୁ ୯ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ଫିରୋଜାବାଦରେ ଦୁଇଜଣ, ସିଦ୍ଧାର୍ଥନଗରରେ ଜଣେ, ସୀତାପୁରରେ ଦୁଇଜଣ, ଫତେହପୁରରେ ଦୁଇଜଣ, ସନ୍ଥ କବୀର ନଗରରେ ଜଣେ ଏବଂ ଆଜମଗଡ଼ରେ ଜଣେ ସମେତ ମୋଟ ନଅ ଜଣଙ୍କର ମୃତ୍ୟୁ ନିଶ୍ଚିତ ହୋଇଛି।

ବିହାରରନାଳନ୍ଦା ଜିଲାର ମାନପୁର ଥାନାର ନାଗାନ ଗାଁରେ ଥିବା ଦେବୀ ସ୍ଥାନର କାନ୍ଥରେ ଏକ ବିରାଟ ପିପଲ ଗଛ ଭାଙ୍ଗି ପଡ଼ିବାରୁ ଗଛ ଏବଂ କାନ୍ଥର ଭଗ୍ନାବଶେଷ ତଳେ ଚାପି ହୋଇ ସେହି ସ୍ଥାନରେ ଛଅ ଜଣଙ୍କର ମୃତ୍ୟୁ ଘଟିଛି। ଇସଲାମପୁର ଜିଲାର ବାଲାମଟ ବିଘା ଗାଁ ନିକଟରେ ଏକ କଲଭର୍ଟ ଭୁଶୁଡ଼ି ପଡ଼ିବାରୁ ଭଗ୍ନାବଶେଷ ତଳେ ଚାପି ହୋଇ ଜଣେ ଜେଜେମା, ତାଙ୍କ ଦୁଇ ବର୍ଷର ନାତି ଏବଂ ନଅ ମାସର ନାତୁଣୀଙ୍କ ମୃତ୍ୟୁ ଘଟିଛି। ଜିଲାର ପାବାପୁରୀ ଆସିଷ୍ଟାଣ୍ଟ ପୋଲିସ ଷ୍ଟେଶନର ଦୁର୍ଗାପୁର ଖଣ୍ଡାରେ ଏକ ଦଶ ବର୍ଷର ବାଳକ ତାଳଗଛରେ ଚାପି ହୋଇ ମୃତ୍ୟୁବରଣ କରିଛି। ଜିଲାର ସିଲାଭର ମାଧୋପୁରରେ ଏକ ତାଳଗଛ ତଳେ ଚାପି ହୋଇ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ସେହି ସମୟରେ, ରାଜଗିରର ସରିଲଚକରେ ଗଛରେ ଚାପି ହୋଇ ଜଣଙ୍କର ମୃତ୍ୟୁ ହୋଇଛି। ଭୋଜପୁରରେ ଜଣେ ମାଆ। ଏବଂ ପୁଅ ସମେତ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି।ଏଥିମଧ୍ୟରୁ ଜଣେ ବଜ୍ରପାତ ଯୋଗୁଁ ଏବଂ ଚାରି ଜଣ କାନ୍ଥ ଏବଂ ଗଛରେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ଭୋଜପୁରର ବାରହାରାର ବିହାରକୁ ଉତ୍ତରପ୍ରଦେଶକୁ ସଂଯୋଗ କରୁଥିବା ମହୁଲି ଘାଟ-ସୀତାବାଡିଆ। ପଣ୍ଟୁନ ବ୍ରିଜ ପ୍ରବଳ ଝଡ଼ ଓ ବର୍ଷା ଯୋଗୁଁ ଭାଙ୍ଗି ଯାଇଛି। ସିୱାନରେ ବଜ୍ରପାତ ଯୋଗୁଁ ୪ ଜଣଙ୍କର ମୃତ୍ୟୁ ହୋଇଛି। ଆରାଲ-ପାଟନା ସୀମାନ୍ତରେ ଥିବା ପାଟନାର ବେଦୌଲି ଗାଁରେ କାନ୍ଥ ଏବଂ ଗଛ ତଳେ ଚାପି ହୋଇ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବେଗୁସରାଇର ଚେରିଆ। ବାରିଆରପୁରରେ ବଜ୍ରପାତ ଯୋଗୁଁ ଜଣେ କିଶୋରୀ ଝିଅର ମୃତ୍ୟୁ ହୋଇଛି। ଗୟା ଜିଲାର ଟାଙ୍କୁପା ବ୍ଲକ ଅନ୍ତର୍ଗତ ବେତୁରା ପଞ୍ଚାୟତର ମାୟାପୁର ଗାଁରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣେ ଆଠ ବର୍ଷର ବାଳକର ମୃତ୍ୟୁ ହୋଇଛି।

## ବଳି କା ବକରା କରାଯାଇଛି : ଅମର

**ଭୁବନେଶ୍ୱର,୧୦।୪(ମହାଭାରତ):** ୱାକଫ୍‌କୁ ନେଇ ବିଜେଡିରେ ଦେଖାଯାଇଥିବା ଡ୍ରାମା ନେଇ ବରିଷ୍ଠ ରାଜନେତା ଅମର ଶତପଥୀ ନିଜର ମତ ରଖିଛନ୍ତି। ସେ ୱାକଫ୍ ଘଟଣାବଳୀକୁ ରହସ୍ୟମୟ ବୋଲି ବାଖ୍ୟା କରିଛନ୍ତି। ପ୍ରସଙ୍ଗ ଏଡ଼ାଇବା ପାଇଁ ପ୍ରଭାତଙ୍କୁ ବଲି କା ବକରା କରାଯାଇଛି। ପ୍ରଭାତ ବିଜୁ ଜନତା ଦଳରେ ନଥିବାକୁ ନେଇ ଅମର କହିଛନ୍ତି, ନିଲମ୍ବନ, ବହିଷ୍କାର ଭିନ୍ନ କଥା, ନବୀନ କିପରି ଏକ୍ସପେଲ୍ଡ କହିଲେ। ପ୍ରେସ ରିଲିଜରୁ ଜଣାପଡ଼ୁଛି ପ୍ରଭାତ ନିଲମ୍ବନ ହୋଇଥିଲେ, ପରେ ପ୍ରତ୍ୟାହୃତ ହୋଇଥିଲା। ତେଣୁ ଏବେ ସେ ଦଳରେ ନାହାନ୍ତି, ଏପରି କହିବା ନବୀନ ବାବୁଙ୍କ ମୁହଁରେ ଶୋଭା ପାଏ ନାହିଁ। ମୁଁ ଯେତିକି ଜାଣିଛି ପ୍ରଭାତ ତ୍ରିପାଠୀ ବିଜେଡି ପାଇଁ ବୋଝ ନଥିଲେ। ପ୍ରଭାତ ତ୍ରିପାଠୀ ବିଜେଡି ପାଇଁ ଆସେଟ୍ ଥିଲେ ଏବଂ ସେ ପ୍ରମାଣିତ କରିଛନ୍ତି।

## ଚକୋଲେଟ ସନ୍ଦେଶ

ପ୍ରାୟ ଲୋକଙ୍କୁ ମିଠା ଖାଇବା ଭଲ ଲାଗିଥାଏ । ଏଥିପାଇଁ ସେମାନେ ବଜାରରୁ ମିଠା ଆଣି ଫ୍ରିଜରେ ରଖିଥାନ୍ତି । କିନ୍ତୁ ଏବେର ଅପମିଶ୍ରଣଯୁକ୍ତ ମିଠା ଖାଇବା ଠାରୁ ଭଲ ଘରେ ପ୍ରସ୍ତୁତ କରି ଖାଇବା। ଏଥିପାଇଁ ଆଜି ଆମେ ଆପଣଙ୍କୁ ଚକୋଲେଟ ସନ୍ଦେଶ କିପରି ପ୍ରସ୍ତୁତ କରାଯାଏ ସେ ବିଷୟରେ ଜଣାଇବୁ । ଆବଶ୍ୟକ ସାମଗ୍ରୀ: ଫ୍ରେସ ପନୀର ୧କପ,ଚିନି ୧ଟେବୁଲ ଚାମଚ,କୋକୋ ପାଉଡ଼ର ୧ଟେବୁଲ ଚାମଚ,ଭାନିଲା ଏସେନ୍ସ ୧/୨ ଟେବୁଲ ଚାମଚ,ଡ୍ରାଏଫ୍ରୁଟସ ୨ଟେବୁଲ ଚାମଚ,ଘିଅ ୧ଚାମଚ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ର ନିଅନ୍ତୁ । ସେଥିରେ କିଛି ପନୀର ଏବଂ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏହା ପରେ ଏଥିରେ କୋକୋ ପାଉଡ଼ର ଏବଂ ଭାନିଲା ଆସେନ୍ସ ପକାଇ ନରମ ହେବା ପର୍ଯ୍ୟନ୍ତ ଫେଣ୍ଟନ୍ତୁ । ଏହା ପରେ ମିକ୍ସଚରକୁ ୮ସମାନ ଭାଗରେ ବାଣ୍ଟି ଦିଅନ୍ତୁ ଏବଂ ହାତରେ ଅଳ୍ପ ଘିଅ ଲଗାଇ ଗୋଟେ ଗୋଟେ ଭାଗ ନେଇ ଗୋଲ ଗୋଲ କରି ଦବାନ୍ତୁ ଏବଂ ଏହା ଉପରେ କିଛି ଡ୍ରାଏ ଫ୍ରୁଟସ ରଖନ୍ତୁ । ଏହା ପରେ ଏହାକୁ ଅତି କମରେ ୩୦ମିନିଟ ପର୍ଯ୍ୟନ୍ତ ଫ୍ରିଜରେ ସେଟ ହେବା ପାଇଁ ରଖିଦିଅନ୍ତୁ। ଏହା ପରେ ଏହାକୁ ବାହାର କରନ୍ତୁ ଏବଂ ଖାଇବାକୁ ଦିଅନ୍ତୁ ।




ଖବର

## ଦ୍ୱିତୀୟ ଥର ମା' ହେବେ ଗୌହର ଖାନ୍



ପୁଣି ଥରେ ବିଗ୍ ବସ୍-୭ ବିଜୟିନୀ ଗୌହର ଖାନ ମା' ହେବାକୁ ଯାଉଛନ୍ତି। ଅଭିନେତ୍ରୀ ଦ୍ୱିତୀୟ ଥର ପାଇଁ ମା' ହେବାକୁ ଯାଉଥିବା ଏକ ଭିଡିଓ ପୋଷ୍ଟ କରି ଜଣାଇଛନ୍ତି। ସେ ପୂର୍ବରୁ ଏକ ପୁତ୍ର ସନ୍ତାନର ମା' ହୋଇଥିଲେ। ଗୌହରଙ୍କ ଭିଡିଓ ଆସିବା ପରେ ଏବେ ତାଙ୍କ ପ୍ରଶଂସକ ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।ସେୟାର କରାଯାଇଥିବା ଭିଡିଓରେ ଗୌହର ଏବଂ ତାଙ୍କ ସ୍ୱାମୀ ଜେଦ୍ ଦରବାର ନଜର ଆସୁଛନ୍ତି। ଦୁହେଁ ଏକାଠି ନାଚୁଥିବା ଦେଖିବାକୁ ମିଳୁଛି। ନାଚି ନାଚି ଦୁହେଁ ଏକାଠି ଫଟୋ ପାଇଁ ପୋଜ୍ ଦେବା ସହ ଗୌହର ତାଙ୍କ ବେବି ବମ୍ପ ଦେଖାଉଛନ୍ତି। ଏହି ଭିଡିଓ ସେୟାର କରି ଗୌହର କ୍ୟାପସନରେ ଲେଖିଛନ୍ତି, ବିସମିଲ୍ଲା!! ଆପଣଙ୍କ ପ୍ରାର୍ଥନା ଏବଂ ଭଲପାଇବା ଆବଶ୍ୟକ। ଭଲପାଇବା ବିସ୍ତାର କରି ବିଶ୍ୱକୁ ନଷ୍ଟଅ। ଗାଜା ବେବି ୨ୟତେବେ ଗେହରଙ୍କୁ ୩୯ବର୍ଷ ବୟସ ହୋଇଥିବା ବେଳେ ସେ ୨୦୨୦ରେ ଜେଦ ଦରବାରଙ୍କୁ ବିବାହ କରିଥିଲେ।

## ଈଶ୍ୱରଙ୍କ ଅନୁଭବ



ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ସେ ମନରେ ପ୍ରଭୁଙ୍କର ଏକ ଚିତ୍ର ଆଙ୍କିଦେଇଥିଲେ । ଦିନେ ସେହି ବ୍ୟକ୍ତିଜଣକ ଡାକିଲେ, ହେ ଈଶ୍ୱର ମୋ ସହ କଥା ହୁଅନ୍ତୁ । ଏହି ସମୟରେ ଏକ ପକ୍ଷୀ ରାବ କଲା । କିନ୍ତୁ ସେ ଶୁଣିପାରିଲେ ନାହିଁ । ସେ ପୁଣି ଥରେ ଜୋର୍‌ରେ ଈଶ୍ୱରଙ୍କୁ ଡାକିଲେ । ଏହି ସମୟରେ ଆକାଶରେ କିଛି ବାଦଲ ଗର୍ଜିଲା । ସେ ବ୍ୟକ୍ତିଜଣଙ୍କ ଚାରି ଆଡ଼କୁ ଚାହିଁଲେ ଏବଂ କହିଲେ, ଭଗବାନ ଦୟାକରି ମୋ ସମ୍ମୁଖକୁ ଆସନ୍ତୁ । ସେ ଏତକ କହିବା କ୍ଷଣି ଆକାଶରୁ ବାଦଲ ହଟିଗଲା ଏବଂ ସୂର୍ଯ୍ୟ ଚମକିବାକୁ ଲାଗିଲେ । ଶେଷରେ ସେହି ବ୍ୟକ୍ତିଜଣକ ଖୁବ୍ ଜୋରରେ ଚିଲ୍ଲାଇ କହିଲେ ଭଗବାନ ମୋତେ କୌଣସି ଚମତ୍କାର ଦେଖାନ୍ତୁ । ଏହି ସମୟରେ ଏକ ଶିଶୁ ଜନ୍ମ ନେଲା ଏବଂ ତା'ର ପ୍ରଥମ ରୋଦନ ବ୍ୟକ୍ତିଜଣଙ୍କୁ ଶୁଣାଗଲା । କିନ୍ତୁ ସେ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ଏବେ ସେହି ବ୍ୟକ୍ତିଜଣଙ୍କ କାନ୍ଦିବାକୁ ଲାଗିଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ- ହେ ଭଗବାନ ମୋତେ ଥରେ ଛୁଇଁ ଦିଅନ୍ତୁ, ଯାହାଦ୍ୱାରା ମୁଁ ଜାଣିପାରିବି ଯେ ଆପଣ ମୋ ପାଖରେ ଅଛନ୍ତି ବୋଲି । ତାଙ୍କ କଥା ନସରୁଣୁ ପ୍ରଜାପତିଟିଏ ଆସି ତାଙ୍କ ହାତରେ ବସିଗଲା । କିନ୍ତୁ ବ୍ୟକ୍ତିଜଣକ ସେହି ପ୍ରଜାପତିକୁ ଉଡ଼ାଇ ଦେଲେ ଏବଂ ଉଦାସ ମନରେ ଆଗକୁ ଚାଲିଲେ । ଭଗବାନ ଏତେ ରୂପରେ ସେହି ବ୍ୟକ୍ତି ଜଣଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କଲେ । କିନ୍ତୁ ସେ ଈଶ୍ୱରଙ୍କୁ ଚିହ୍ନି ପାରିଲେ ନାହିଁ । କାରଣ ତାଙ୍କ ମନରେ ଈଶ୍ୱରଙ୍କ ଅନୁଭବ ନଥିଲା । ଈଶ୍ୱର ପ୍ରତ୍ୟେକ ସ୍ଥାନରେ ରହିଛନ୍ତି । ସେ ଭିନ୍ନ ଭିନ୍ନ ରୂପରେ ଆମ ନିକଟକୁ ଆସିଥାନ୍ତି । ଆମେ କେବଳ ତାଙ୍କୁ ଚିହ୍ନି ପାରିବା ଆବଶ୍ୟକ

## ଭାଇରାଲ ଜ୍ୱରରେ ଅବହେଳା ବିପଦଜନକ

ଭାଇରାଲ ଜ୍ୱରରେ କୌଣସି ପ୍ରକାରର ଅବହେଳା ପୀଡ଼ିତଙ୍କ ନିମନ୍ତେ ବିପଦଜନକ ସାବ୍ୟସ୍ତ ହୋଇପାରେ। ଭାଇରାଲ ଜ୍ୱର ଯଦି ୩ ଦିନରେ ନିୟନ୍ତ୍ରିତ ନ ହେଲା ତେବେ ତୁରନ୍ତ ଡେଙ୍ଗୁ, ଚିକେନଗୁନିଆ ଯାଞ୍ଚ କରାଇ ଚିକିତ୍ସାର ବ୍ୟବସ୍ଥା କରନ୍ତୁ। ଏହାକୁ ଅଣଦେଖା କଲେ ଜ୍ୱରରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଜୀବନ ଉପରକୁ ବିପଦ ଘନେଇପାରେ ବୋଲି ବିଶେଷଜ୍ଞ ସତର୍କ କରିଛନ୍ତି। ବର୍ତ୍ତମାନ ସମୟରେ ହସ୍ପିଟାଲ ପହଞ୍ଚୁଥିବା ପ୍ରାୟ ୨୫ ପ୍ରତିଶତ ରୋଗୀ ଭାଇରାଲ ଜ୍ୱରରେ ଆକ୍ରାନ୍ତ। ବଦଳୁଥିବା ପାଣିପାଗ ଏପରି ଜ୍ୱର



ବ୍ୟାପିବାର ମୁଖ୍ୟ କାରଣ କୁହାଯାଉଛି ।ଏହି ଜ୍ୱାରରୁ ଶିଶୁ, କିଶୋର ଓ ବୟସ୍କ ଲୋକେ ମଧ୍ୟ ବାଦେ ପଡୁ ନାହାନ୍ତି। ଏହା ଆଡୁଆଳରେ ଡେଙ୍ଗୁ ଓ ଚିକନ ଗୁନିଆ ହେବାର ବିପଦ ରହୁଛି। ଏଣୁ ଜ୍ୱରରେ ଚିକିତ୍ସା ପାଇଁ ପହଞ୍ଚୁଥିବା ଲୋକଙ୍କ ମଧ୍ୟରୁ ୧୫ ପ୍ରତିଶତ ଭାଇରାଲରେ ଆକ୍ରାନ୍ତ ରହୁଥିବା ଜଣାପଡିଛି। ଏପରି ଲୋକଙ୍କ ସ୍ୱତନ୍ତ୍ର ଚିକିତ୍ସା ସହିତ ଦେଖରେଖର ମଧ୍ୟ ଆବଶ୍ୟକତା ରହୁଛି। ଯଦି ଘରେ କାହାରିକୁ ଭାଇରାଲ ଜ୍ୱର ହେଉଛି ତେବେ ତାଙ୍କ ପିଇବା ପାଣି ସିଝାଇ ଥଣ୍ଡାକରି ପିଇବାକୁ ଦିଅନ୍ତୁ। ଡାକ୍ତରଙ୍କ ପରାମର୍ଶ ମୁତାବକ ର୍ନିଦ୍ଧାରିତ ସମୟରେ ଔଷଧ ଖଆନ୍ତୁ। ଏହା ବାଦେ ଯଦି ଜ୍ୱର ୩ ଦିନ ମଧ୍ୟରେ ନ ଛାଡୁଛି ତେବେ ପୁଣି ଡାକ୍‌ତରଙ୍କ ପରାମର୍ଶ କରି ଆବଶ୍ୟକ ପରୀକ୍ଷା ନିରୀକ୍ଷା କରନ୍ତୁ ।ଭାଇରାଲ ଜ୍ୱର ଗୋଟିଏ ଗୋଟିଏ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଆକ୍ରାନ୍ତ କରୁଛି। ଏଥିରେ ଶିଶୁ ଓ ବୟଷ୍କ ଲୋକେ ବିଶେଷ ପ୍ରଭାବିତ ହେଉଛନ୍ତି। ଏଣୁ ଔଷଧ ଦୋକାନରେ ଲକ୍ଷଣ କହି ଔଷଧ ଆଣି ଚିକିତ୍ସା କରାଇବା ବଦଳେ ଜ୍ୱାରରେ ପୀଡ଼ିତଙ୍କୁ ହସ୍ପିଟାଲ ନେଇ ଡାକ୍ତର ଦେଖାଇ ତାଙ୍କ ପରାମର୍ଶ ମୁତାବକ ଦେଖରେଖ ଓ ଚିକିତ୍ସା କରନ୍ତୁ ।ଏଥିରେ ଯଦି କାହାରିଠାରେ ଡେଙ୍ଗୁ କି ଚିକନଗୁନିଆ ପରୀକ୍ଷଣରେ ଆସୁଛି ତେବେ ବିଲମ୍ବ ନ କରି ତୁରନ୍ତ ଉପଚର ବ୍ୟବସ୍ଥା କରନ୍ତୁ ।ଭାଇରାଲ ଜ୍ୱରରେ ଆକ୍ରାନ୍ତ ଲୋକଙ୍କୁ ଖାଦ୍ୟରେ ଡାଲି ଓ ସବୁଜ ପନିପରିବା ପ୍ରସ୍ତୁତ ତରକାରୀ ଖାଇବାକୁ ଦିଅନ୍ତୁ। ରୋଗୀଙ୍କୁ ମସାରୀ ମଧ୍ୟରେ ରଖିବାକୁ ଚେଷ୍ଟା କରନ୍ତୁ। ୩ରୁ ୪ ଦିନ ମଧ୍ୟରେ ଯଦି ଜ୍ୱର ଉପସମ ନ ହେଲା ତେବେ ନିଶ୍ଚିତ ଡାକ୍ତରଙ୍କ ପରାମର୍ଶରେ ଯାଞ୍ଚ କରି ଯାଞ୍ଚ□ ରିପୋର୍ଟ ଅନୁସାରେ ଚିକିତ୍ସା କରାନ୍ତୁ। ଜ୍ୱରକୁ ଅବହେଳା କରନ୍ତୁ ନାହିଁ।

## ଘିଅ ଖାଆନ୍ତୁ, ଓଜନ କମାନ୍ତୁ; ଜାଣନ୍ତୁ କେଉଁ ସମୟରେ ଘିଅ ଖାଇବା ଶରୀର ପାଇଁ ଅଧିକ ହିତକର



ଘିଅ ଶରୀର ପାଇଁ ହିତକର। କିନ୍ତୁ ଘିଅ ସାଧାରଣତଃ ଖାଲି ପେଟରେ ଖାଇବା ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ହୋଇପାରେ। ସକାଳ ଜଳଖିଆ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଯଦି ଆପଣ ଜଳଖିଆ ପୂର୍ବରୁ ଖାଲି ପେଟରେ ଘି ଖାଆନ୍ତି, ତେବେ ଆପଣ କେବଳ ସୁସ୍ଥ ରହିବେ ନାହିଁ ବରଂ ଫିଟ୍, ଚତୁର ଏବଂ ସୁସ୍ଥ ମଧ୍ୟ ରହିବେ ।ଯଦି ଆପଣ ପ୍ରତିଦିନ ଏକ ଚାମଚ ଘିଅ ଖାଉଛନ୍ତି, ତେବେ ଶରୀର ସହିତ ଜଡିତ ସମସ୍ତ ଛୋଟ ଏବଂ ବଡ ରୋଗ ସବୁଦିନ ପାଇଁ ଭଲ ହୋଇପାରିବ। ଖାଲି ପେଟରେ ଘିଅ ଖାଇବା ଦ୍ୱାରା ଶରୀରର ଚର୍ବି କମିଯାଏ, ଓଜନ ହ୍ରାସ ହେବା ସହିତ ଏହା ହଜମ ହେବା ସହିତ କେଶ ଏବଂ ଚର୍ମ ପାଇଁ ମଧ୍ୟ ଲାଭଦାୟକ ଅଟେ। ତେଣୁ ଚାଲନ୍ତୁ ଜାଣିବା ସକାଳେ ଖାଲି ପେଟରେ ଘିଅ ଖାଇବା ଦ୍ୱାରା କଣ ସବୁ ଉପକାରିତା ମିଳିଥାଏ ।

୧.ତ୍ୱଚା ପାଇଁ ଖୁବ୍ ଉପକାରୀ ଘିଅ- ଆପଣ ଘିଅକୁ ମେଦବହୁଳତା ସହିତ ଯୋଡିପାରନ୍ତି, କିନ୍ତୁ ଘିଅ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ଘିଅ ଖାଇବା ଦ୍ୱାରା କୋଷଗୁଡ଼ିକ ପୁନଃଜୀବିତ ହୋଇପାରିବ। ଏହା ଆପଣଙ୍କ ତ୍ୱଚାକୁ ଚମକାଇବାରେ ସାହାଯ୍ୟ କରିଥାଏ।

୨. ଆର୍ଥ୍ରାଇଟିସରେ ଲାଭଦାୟକ - ଖାଲି ପେଟରେ ଘିଅ ଖାଇବା ଦ୍ୱାରା ଆର୍ଥ୍ରାଇଟିସରୁ ମୁକ୍ତି ମିଳିଥାଏ । ଗଣ୍ଠି ଯନ୍ତ୍ରଣାରୁ ଆପଣ ଆରାମ ମଧ୍ୟ ପାଇପାରିବେ । ଘିଅରେ ଓମେଗା ଫ୍ୟାଟି ଏସିଡ୍ ମଧ୍ୟ ଥାଏ ଯାହା ଅଷ୍ଟିଓପୋରୋସିସ୍ ହେବାର ସମ୍ଭାବନାକୁ ହ୍ରାସ କରିଥାଏ।

୩.ମନକୁ ସକ୍ରିୟ ରଖେ- ମସ୍ତିଷ୍କକୁ ସକ୍ରିୟ ରଖିବାରେ ଘିଅ ସହାଯ୍ୟ କରିଥାଏ। ସକାଳେ ଖାଲି ପେଟରେ ଘିଅ ଖାଇଲେ, ଏହା ମସ୍ତିଷ୍କର କୋଷଗୁଡ଼ିକ ସକ୍ରିୟ






ହୋଇଥାଏ। ଯେଉଁଥିପାଇଁ ସ୍ମରଣ ଶକ୍ତି ବଢ଼ିଥାଏୟ ଅଲଜାଇମର ପରି ସମସ୍ୟା ସହ ଲଢ଼ିବାରେ ମଧ୍ୟ ଏହା ସାହାଯ୍ୟ କରିଥାଏ।

୪. ଓଜନ ହ୍ରାସ କରିବାରେ ଲାଭଦାୟକ - ସକାଳେ ଖାଲି ପେଟରେ ଗୋଟିଏ ଚାମଚ ଘିଅ ଖାଇବା ମଧ୍ୟ ଓଜନ ହ୍ରାସ କରିଥାଏ। ଲୋକଙ୍କ ମଧ୍ୟରେ ଏହା ଏକ ବଡ ଭୁଲ ଧାରଣା ଯେ ଘିଅ ବ୍ୟବହାର କରିବା ଦ୍ୱରା ସେମାନଙ୍କର ଓଜନ ବଢ଼ିଥାଏ, କିନ୍ତୁ ଯଦି ଆପଣ ପ୍ରତିଦିନ ସକାଳେ ଖାଲି ପେଟରେ ୫ ରୁ ୧୦ ଏମଏଲ୍ ଘିଅ ସେବନ କରୁଛନ୍ତି, ଏହା ଆପଣଙ୍କ ମେଟାବୋଲିକ୍ ହାର ବଢାଇଥାଏ ଏବଂ ଆପଣଙ୍କ ଓଜନ ହ୍ରାସ କରିଥାଏ

୫. କେଶ ପାଇଁ ଲାଭଦାୟକ - ଘିଅ କେଶ ପାଇଁ ଲାଭଦାୟକ ପ୍ରମାଣିତ ହୋଇପାରେ। ସକାଳେ ଖାଲି ପେଟରେ ଘିଅ ଖାଇବା ଦ୍ୱାରା ଆପଣଙ୍କ କେଶ ଝଡିବା ସମସ୍ୟା ବି ଦୂର ହୋଇଥାଏ।

## ନିୟମିତ ଖାଆନ୍ତୁ ଶୁଣ୍ଠି, ଏହି ସବୁ ରୋଗରୁ ମିଳିବ ମୁକ୍ତି

ଅଧିକାଂଶ ଘରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅଦାର ବ୍ୟବହାର କରାଯାଇଥାଏ ।ଅଦାକୁ ବିଭିନ୍ନ ରୂପରେ ବ୍ୟବହାର କରାଯାଏ । ଶୁଖିଲା ଅଦାକୁ ଶୁଣ୍ଠି କୁହାଯାଏ । ଶୁଣ୍ଠି ଖାଇବା ଦ୍ୱାରା ଥଣ୍ଡାକାଶ ଓ ଗଳା ଦରଜ କମିବା



ସହ ପାଚନ ତନ୍ତ୍ର ସମସ୍ୟା ଦୂର ହୋଇଥାଏ । ଏହାବ୍ୟତୀତ ମୋଟାପଣ ମଧ୍ୟ କମ୍ ହୋଇଥାଏ । ଶୁଣ୍ଠି ଆଇରନ୍, ଫାଇବର, ସୋଡିୟମ୍, ଫେଲେଟ୍ ଏସିଡ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍- ଏ, ଜିଙ୍କ୍ ଓ ଫ୍ୟାଟି ଏସିଡ୍ରେ ଭରପୂର ।ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଯେଉଁମାନଙ୍କର ଆର୍ଥ୍ରାଇଟିସ୍ ସମସ୍ୟା ରହିଛି, ସେମାନେ ନିୟମିତ ଶୁଣ୍ଠି ଖାଇବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ।

ଋତୁ ପରିବର୍ତ୍ତନରୁ ହେଉଥିବା ଥଣ୍ଡା-କାଶରୁ ରକ୍ଷା ପାଇବା ପାଇଁ ଶୁଣ୍ଠି ଗୁଣ୍ଡକୁ ହାଲ୍କା ଗରମ ପାଣି ସହ ପିଇପାରିବେ।

ଯେଉଁ ପରିବାକୁ ହଜମ କରିବା କଷ୍ଟ ହୋଇଥାଏ। ସେଥିରେ ହାଲ୍କା ଶୁଣ୍ଠିଗୁଣ୍ଡର ପ୍ରୟୋଗ କରିବା ଦ୍ୱାରା ତାହା ସହଜରେ ହଜମ ହୋଇଥାଏ।

ଶୁଣ୍ଠି ମେଟାବଲିଜିମ୍ ବଢାଇ ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ ।ଶୁଣ୍ଠିକୁ ଦୁଗ୍ଧରେ ମିଶାଇ ମିଶ୍ରଣକୁ ତ୍ୱଚାରେ ଲଗାଇ ୧୦ରୁ ୨୦ ମିନିଟ୍ ଯାଇ ଛାଡି ଦିଅନ୍ତୁ । ଶୁଖିବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ନିଅନ୍ତୁ । ତ୍ୱଚାରେ ଚମ୍କ ଆସିଥାଏ ।

# ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ ପାଇଁ ବିଏମସିର ପ୍ରସ୍ତୁତି




ଭୁବନେଶ୍ୱର,୧୦।୪ (ମହାଭାରତ): ଚଳିତ ମାସ ୧୧ ତାରିଖରେ ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହେବ। ରାଜ୍ୟ ବ୍ୟାପି ଏହି କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବିଏମସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦଚନ୍ଦ୍ର ସାହୁ, ସହରାଞ୍ଚଳର ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୀଳମଣୀ ସେନାପତି .ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବହୁ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ,ଅଧ୍ୟକ୍ଷା, କର୍ପୋରେଟର, ମେଡିକାଲ ଅଫିସର, ସ୍ୱାସ୍ଥ୍ୟକର୍ମୀ ଏବଂ ପରିଚାଳକ ଉପସ୍ଥିତ ଥିଲେ। ମୁଖ୍ୟତଃ ଏବିପିଏମଜେୱାଇ- ଜିଜେଏୱାଇ କେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ, କେଉଁମାନେ ପାଇବେ, ଏହାର ଅବଧି କେତେ ଦିନ, କେଉଁମାନଙ୍କୁ କେତେଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ମିଳିପାରିବ ଇତ୍ୟାଦି ସଂପର୍କରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ୧୧ ତାରିଖ ଦିନ ମହାନଗର ନିଗମ ଅଂଚଳରେ ଥିବା ୨୨ ଗୋଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ କାଳୀନ କାର୍ଯ୍ୟକ୍ରମ କରାଯିବ। ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ର ଅଂଚଳର ଲୋକଙ୍କୁ ଏକଜୁଟ୍ କରାଇ ସେମାନଙ୍କୁ ଏ ସଂପର୍କରେ ସଚେତନ କରାଯିବ । ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଆଜିର ବୈଠକରେ ଆଲୋଚନା ହୋଇଥିଲା । ଖରାର ତାପ ଟିକେ ଅଧିକ ରହୁଥିବାରୁ, ନାଗରିକମାନେ ଯେପରି ନିରାପଦରେ ଆସି ନିରାପଦରେ ଘରକୁ ଯିବେ, ସେଥିପ୍ରତି ସମସ୍ତେ ଦୃଷ୍ଟି ଦେବାକୁ କୁହାଯାଇଛି । ମିଟିଂ ସ୍ଥଳରେ ପ୍ରଚୁର ପରିମାଣର ପାନୀୟ ଜଳ, ଓଆରଏସ୍ ରଖିବାକୁ କୁହାଯାଇଛି । ଏବେ ରାଜ୍ୟ ସରକାର ୧୧ ତାରିଖ ଦିନ ପ୍ରତି ୱାର୍ଡରେ ୨୫ ଜଣ ହିତାଧିକାରୀଙ୍କୁ କାର୍ଡ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପରେ ପର୍ଯ୍ୟାୟକ୍ରମେ ସମସ୍ତ ବିପିଏଲ୍ ତଥା ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ପାଇଥିବା ସମସ୍ତ ହିତାଧିକାରୀଙ୍କୁ ଏବିପିଏମଜେୱାଇ- ଜିଜେଏୱାଇ କାର୍ଡ ପ୍ରଦାନ କରାଯିବ । ଏଥିରେ ପ୍ରତି ପରିବାରକୁ ସରକାରୀ କିମ୍ବା ତାଲିକାଭୁକ୍ତ ବେସରକାରୀ ଡାକ୍ତରଖାନାରେ ୫ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ । ଯେଉଁ ପରିବାରରେ ମହିଳା ଅଛନ୍ତି, ସେ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ମିଳିବ । ତେବେ ୭୦ ବର୍ଷରୁ ଅଧିକ ବୟସର ସବୁ ବର୍ଗର ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ । ଅର୍ଥାତ୍ ଯେଉଁ ପରିବାରରେ ୭୦ ବର୍ଷରୁ ଅଧିକ ବୟସର ନାଗରିକ, ମହିଳା ଥିବେ, ତେବେ ସେ ପରିବାର ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରିବେ।

# ମିଳିବ ଓମ୍‌ଫେଡ ଚକୋଲେଟ୍

ଭୁବନେଶ୍ୱର,୧୦।୪ (ମହାଭାରତ): ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ଼) ଚକ୍ଲେଟ୍ ବଜାରରେ ପ୍ରବେଶ କରିବ। ଆଗାମୀ ଦିନରେ ଚକୋଲେଟ୍ ବିକ୍ରି କରିବ। ଓମଫେଡ଼ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଆଜି ଏ ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଶ୍ରୀ କୁଲାଙ୍ଗେ ସାମ୍ବାଦିକମାନଙ୍କୁ କହିଛନ୍ତି, ଓମଫେଡ଼ର ଚକୋଲେଟ୍ ଡିଜାଇନ୍ ନ୍ୟାସନାଲ୍ ଡାଏରି ଡେଭଲପମେଣ୍ଟ ବୋର୍ଡ ପକ୍ଷରୁ କରାଯାଇଛି। ଏ ନେଇ ଏକ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯାଇଛି। ଆବଶ୍ୟକ ପୁଞ୍ଜି ନିବେଶ ପାଇଁ ଖୁବଶୀଘ୍ର ଏହାକୁ ଓଡ଼ିଶା ସରକାରଙ୍କୁ ପ୍ରଦାନ କରାଯିବ। ପ୍ରଡକ୍ଟରେ ବିବିଧତା ଆଣିବା ଓ ଡାଇରି ପ୍ରଡକ୍ଟରେ ମୂଲ୍ୟସଂଯୁକ୍ତ କରିବା ଲକ୍ଷ୍ୟରେ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଛି ବୋଲି ସେ କହିଛନ୍ତି।

ଏତଦ୍ ବ୍ୟତୀତ ଓମଫେଡ଼ର ପାଣି ବୋତଲ ମଧ୍ୟ ବିକ୍ରି କରିବାକୁ ଅଣ୍ଟା ଭିଡ଼ିଛି। ଆଗାମୀ ୪ ମାସ ଭିତରେ ଓଡ଼ିଶା ବଜାରେ ପାଣି ବୋତଲ ବିକ୍ରି ଆରମ୍ଭ କରିବ। ଏହାଛଡ଼ା ବର୍ଷକ ଭିତରେ ଓମଫେଡ୍ ୧୦ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ନେଇ ଯୋଜନା ପ୍ରସ୍ତୁତ କରିଛି।

ବର୍ତ୍ତମାନ ଓମଫେଡ୍ ଦିନକୁ ୫.୫ ଲକ୍ଷ ଲିଟର ଦୁଗଧ ପ୍ରାୟ ଅଢେଇ ଲକ୍ଷ ଚାଷୀଙ୍କଠାରୁ ସଂଗ୍ରହ କରୁଛି। ତେବେ ଆଗାମୀ ଏକ ବର୍ଷ ମଧ୍ୟରେ ଦୈନିକ ଦୁଗଧ ସଂଗ୍ରହ ୧୦ ଲକ୍ଷ ଟନକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ଏହାଛଡ଼ା ଘିଅ ଉତ୍ପାଦନ ବୃଦ୍ଧି କରିବା ନେଇ ଆଗାମୀ ଦିନରେ ଓମଫେଡ୍ ଯୋଜନା ରଖିଛି। ବର୍ତ୍ତମାନ ସମୟରେ ଓମଫେଡ୍ ମାସକୁ ୧୨୦ ଟନ୍ ଘିଅ ଉତ୍ପାଦନ କରୁଛି।

# ମେ’ ୩ରୁ ଦକ୍ଷତା କେନ୍ଦ୍ରରେ ନାମଲେଖା ଆବେଦନ

ଭୁବନେଶ୍ୱର,୧୦।୪ (ମହାଭାରତ): ବିଶ୍ୱ ଦକ୍ଷତା କେନ୍ଦ୍ରର ୨୦୨୫-୨୬ ବ୍ୟାଚରେ ନାମଲେଖା ଲାଗି ଅନଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ‘ସ୍କୁଲ ଅଫ୍ ଇଞ୍ଜିନିୟରିଂ’ ଓ ‘ସ୍କୁଲ ଅଫ୍ ସର୍ଭିସେସ୍’ ବିଭାଗ ଅଧୀନରେ ଥିବା ମୋଟ ୭ଟି ଅତ୍ୟାଧୁନିକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଗ୍ରହୀ ପ୍ରାର୍ଥୀମାନେ ମେ’ ୩ ତାରିଖ ସୁଦ୍ଧା ଆବେଦନ କରିପାରିବେ। ‘ସ୍କୁଲ ଅଫ୍ ଇଞ୍ଜିନିୟରିଂ’ ବିଭାଗ ଅଧୀନରେ ମେକାନିକାଲ ଆଣ୍ଡ ଇଲେକଟ୍ରିକାଲ ସର୍ଭିସେସ୍, ମେକାଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ଟେକ୍ନୋଲୋଜି, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ଭର୍ଟିକାଲ ଟ୍ରାନ୍ସପୋର୍ଟେସନ (ଲିଫଟ ଟେକ୍ନୋଲୋଜି) ଏବଂ ପ୍ରିସିସନ ଇଞ୍ଜିନିୟରିଂ ଆଦି ବିଷୟ ରହିଛି। ଏଥିରେ ନାମଲେଖା ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଆବେଦନ ଆହ୍ୱାନ କରାଯାଉଛି।

ଏହି ଅତ୍ୟାଧୁନିକ ବିଷୟରେ ତାଲିମ ପାଇଁ ପ୍ରାର୍ଥୀ ଓଡ଼ିଶାର କୌଣସି ସରକାରୀ ବା ଘରୋଇ ଶିଳ୍ପ ତାଲିମ କିମ୍ବା ବୈଷୟିକ ଶିକ୍ଷାନୁଷ୍ଠାନରୁ ୨ ବର୍ଷିଆ ଆଇଟିଆଇ/୩ ବର୍ଷିଆ ଡିପ୍ଲୋମା କରିଥିବା ଆବଶ୍ୟକ। ସେହିପରି ‘ସ୍କୁଲ ଅଫ୍ ସର୍ଭିସେସ୍’ ବିଭାଗ ଅଧୀନରେ ଅତ୍ୟାଧୁନିକ ବ୍ୟୁଟି ଆଣ୍ଡ ୱେଲନେସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଏଥିପାଇଁ ପ୍ରାର୍ଥୀ ଯୁକ୍ତ ୨, ସଂପୃକ୍ତ ବିଷୟରେ ଆଇଟିଆଇ କିମ୍ବା କୌଣସି ବିଷୟରେ ଡିପ୍ଲୋମା କରିଥିବା ଆବଶ୍ୟକ। ଆଗ୍ରହୀ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବସାଇଟରେ ପ୍ରଥମେ ପଞ୍ଜୀକରଣ କରିବା ପରେ ନାମଲେଖା ପାଇଁ ଆବେଦନ କରିପାରିବେ। ବିଶ୍ୱ ଦକ୍ଷତା କେନ୍ଦ୍ରରେ ଚଳିତ ବ୍ୟାଚରୁ ଓଡ଼ିଶା ସହିତ ରାଜ୍ୟ ବାହାରର ପ୍ରାର୍ଥୀମାନେ ଆବେଦନ କରିପାରିବେ। ଅନ୍ୟ ରାଜ୍ୟର ପ୍ରାର୍ଥୀମାନଙ୍କ ପାଇଁ ୧୦ ପ୍ରତିଶତ ପର୍ଯ୍ୟନ୍ତ ସିଟ୍ ସଂରକ୍ଷଣ କରାଯିବ। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରରେ ଅନ୍ତର୍ଜାତୀୟ ଢାଞ୍ଚାର ପାଠ୍ୟକ୍ରମ ସହ ଆବଶ୍ୟକ ଭିତିଭୂମି, ଅତ୍ୟାଧୁନିକ ଲାବୋରେଟୋରି ଏବଂ ବିଶ୍ୱସ୍ତରୀୟ ବିଭିନ୍ନ ଯନ୍ତ୍ରପାତି ରହିଛି। ଏହି କେନ୍ଦ୍ରରେ ଫିନିସିଙ୍ଗ ସ୍କୁଲ ଢାଞ୍ଚାରେ ଯୁବକଯୁବତୀ ମାନଙ୍କୁ ଆବଶ୍ୟକ ଶିକ୍ଷା ଓ ତାଲିମ ଦିଆଯାଇ ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିଳ୍ପ ଓ ସେବା କ୍ଷେତ୍ର ଲାଗି ପ୍ରସ୍ତୁତ କରାଯାଉଛି।

# ଅଲ ଓଡ଼ିଶା ମେଲୋଡ଼ି ଆସୋସିଏସନ ତରଫରୁ ଜଳ ବଣ୍ଟନ

ଭୁବନେଶ୍ୱର,୧୦।୪ (ମହାଭାରତ): ମଧ୍ୟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୟାପଲ୍ଲୀ ୱାର୍ଡ ନଂ-୩୯ ଅଧିନରେ ଥିବା ନୂଆସାହି ଏଚଡିଏଫସି ବ୍ୟାଙ୍କ୍ ଛକଠାରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥଚାରୀମାନଙ୍କ ନିମନ୍ତେ ଅଲ ଓଡ଼ିଶା ମେଲୋଡ଼ି ଆସୋସିଏସନ ତରଫରୁ ଏକ ଜଳବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆସନ୍ତା କାଲିଠାରୁ ଗ୍ରୀଷ୍ମ ପ୍ରବାହ ଥିବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଆସୋସିଏସନର ଦୁଇଜଣ ବ୍ୟକ୍ତି ଉପସ୍ଥିତ ରହି ପଥଚାରୀ ମାନଙ୍କୁ ଜଳବଣ୍ଟନ କରିବେ ବୋଲି ସଭାପତି ଦୀପକ ବଜୋରିଆ ଓ ସାଧାରଣ ସମ୍ପାଦକ ରଣଜିତ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଜୟ କୁମାର କର ସୂଚନା ଦେଇଛନ୍ତି। ଏହି ଅନୁଷ୍ଠାନ କେବଳ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମରେ ସୀମିତ ନରହି ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମ କରୁଛନ୍ତି ବୋଲି ଅନୁଷ୍ଠାନର ସଦସ୍ୟ ଦିଲୀପ କୁମାର ପାଇକରାୟ ଓ ବିକ୍ରମ ମହାନ୍ତି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦାନ କରି ଜଳଛତ୍ରକୁ ଉଦ୍‌ଘାଟନ କରିବା ସହ ପଥଚାରୀ ମାନଙ୍କୁ ଦହିପଣା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ତଥା ମଧ୍ୟ ବିଧାୟକଙ୍କ ପ୍ରତିନିଧି ମିଲନ୍ ପାଇକରାୟ, ସମାଜସେବୀ ସାଗର ବଳବନ୍ତରାୟ, ଅରବିନ୍ଦ ବଳିୟାର ସିଂ, ଦେବୀ ପ୍ରସାଦ, ଶ୍ୟାମ କୁମାର ନେଉ, କୁନା ଦାସ, ପଙ୍କଜ ମହାନ୍ତି, ଗୋପାଳକୃଷ୍ଣ ପାତ୍ର ଓ ସୁନିଲ ପଟ୍ଟନାୟକଙ୍କ ସମେତ ଅନୁଷ୍ଠାନର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ ଓ ଶାସ୍ତ୍ରୀ ନଗରର ବାଉଁଶ ଗଳି ଛକ ସ୍ଥିତ ତ୍ରିନାଥ ମଣ୍ଡପ ଓ ବାଟ ମହାବୀର ମନ୍ଦିର ନିକଟରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ହୋଇଥିବା ଦୁଇଟି ଥଣ୍ଡାପାଣି ମେସିନକୁ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଅଞ୍ଚଳବାସୀଙ୍କ ଦ୍ୱାରା ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଉଦ୍‌ଘାଟନ କରାଇଥିଲେ।



# ରତ୍ନ ଭଣ୍ଡାର ଚାବି ତଦନ୍ତ କମିଶନ ରିପୋର୍ଟ କ୍ୟାବିନେଟରେ ଉପସ୍ଥାପିତ ହେବ

ଭୁବନେଶ୍ୱର,୧୦।୪ (ମହାଭାରତ): ରତ୍ନଭଣ୍ଡାର ଚାବି ହଜିବା ସମ୍ପର୍କରେ ଗଠିତ ତଦନ୍ତ କମିସନଙ୍କ ରିପୋର୍ଟ ଖୁବ୍ ଶୀଘ୍ର ରାଜ୍ୟ କ୍ୟାବିନେଟ୍ ସମ୍ମୁଖରେ ଉପସ୍ଥାପିତ ହେବ ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଆଜି ଓଡ଼ିଶା ହାଇକୋର୍ଟଙ୍କୁ ଜଣାଇଛନ୍ତି। ଚାବି ହଜିବା ମାମଲାର ତଦନ୍ତ ପାଇଁ ପୂର୍ବରୁ ଏକ ତଦନ୍ତ କମିସନ ବସାଯାଇଥିଲା। କମିସନ ରିପୋର୍ଟ ଖୁବ୍ ଶୀଘ୍ର ରାଜ୍ୟ କ୍ୟାବିନେଟ୍ ଦ୍ୱାରା ସମୀକ୍ଷା କରାଯିବ ବୋଲି କୁହାଯାଉଛି।

ଆଡଭୋକେଟ୍ ଜେନେରାଲ ଏହି ଘଟଣାଗୁଡ଼ିକ ବିଷୟରେ କୋର୍ଟଙ୍କୁ ସୂଚନା ଦେଇଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ମେ’୧୫ ରେ ହେବ ବୋଲି ସ୍ଥିର କରାଯାଇଛି। ୨୦୧୮ ମସିହାରେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶରେ ହୋଇଥିବା ଯାଞ୍ଚ ସମୟରେ ପୁରୀ ଜିଲ୍ଲା କର୍ତ୍ତୃପକ୍ଷ ରତ୍ନ ଭଣ୍ଡାରର ଭିତର ଚାବିଗୁଡ଼ିକୁ ଖୋଜି ପାରି ନଥିବାରୁ ବିବାଦ ଆରମ୍ଭ ହୋଇଥିଲା। ଜଷ୍ଟିସ ରଘୁବୀର ଦାସଙ୍କ ନେତୃତ୍ୱରେ ଏକ ନ୍ୟାୟିକ କମିସନ ଗଠନ ପରେ ଡୁପ୍ଲିକେଟ ଚାବିଗୁଡ଼ିକ ନିଖୋଜ ହେବାର ଦୁଇ ମାସ ପରେ ଜିଲ୍ଲା ରେକର୍ଡ ରୁମରେ ରହସ୍ୟମୟ ଭାବରେ ରଖାଯାଇଥିବା ଦେଖିବାକୁ ପାଇଥିଲେ, ଯାହା ମନ୍ଦିର ପ୍ରଶାସନର ଦାୟିତ୍ୱ ଉପରେ ପ୍ରଶ୍ନ ଉଠାଇଥିଲା। ପରବର୍ତ୍ତୀ ସମୟରେ,ବିଜେପି ରତ୍ନ ଭଣ୍ଡାର ଚାବି ହଜିବାକୁ ଏକ ପ୍ରମୁଖ ନିର୍ବାଚନୀ ପ୍ରସଙ୍ଗ କରିଥିଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିଯୋଗ କରିଥିଲେ ଯେ, ବିଜେଡି ନ୍ୟାୟିକ ରିପୋର୍ଟକୁ ଚାପି ଦେଇଛି। ବିଜେପି ଏହାକୁ ନବୀନ ପଟ୍ଟନାୟକଙ୍କ ସହଯୋଗୀ ତଥା ରାଜନୈତିକ ପରାମର୍ଶଦାତା ଭିକେ ପାଣ୍ଡିଆନଙ୍କ ମାଧ୍ୟମରେ ତାମିଲନାଡୁ ସଂଯୋଗ ଉପରେ ଇଙ୍ଗିତ କରିଥିଲା।

# ନୂଆ ଆରଆଇ ଅଫିସ୍ ଲୋକାର୍ପିତ



ଭୁବନେଶ୍ୱର,୧୦।୪ (ମହାଭାରତ): ସ୍ଥାନୀୟ କଲ୍ୟାଣପୁର ପଞ୍ଚାୟତ ଅର୍ନ୍ତଗତ ନୂଆବନ୍ତରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ନୂତଭାବେ ପ୍ରତିଷ୍ଠିତ ରାଜସ୍ୱ ନିରୀକ୍ଷକ (ଆରଆଇ) ଅଫିସ ଉଦଘାଟନ କରିଛନ୍ତି। ଏହି ଆରଆଇ ଅଫିସ୍ ଦ୍ୱାରା ଦୁଇ ପଞ୍ଚାୟତ ୧୧ ରାଜସ୍ୱ ଗ୍ରାମର ପ୍ରାୟ ୨୦ ହଜାର ଲୋକ ଉପକୃତ ହେବେ। ଗ୍ରାମ୍ୟ ଉନ୍ନୟନ (ଆରଡି) ବିଭାଗ ପକ୍ଷରୁ ପ୍ରାୟ ୧.୪୦ କୋଟି ଟଙ୍କା ବ୍ୟୟରେ ଉକ୍ତ ଅଫିସ୍ ନିର୍ମାଣ କରାଯାଇଛି। ଦୀର୍ଘଦିର ସ୍ୱପ୍ନ ସାକାର ହୋଇଥିବାରୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଶ୍ରୀମତୀ ଷଡଙ୍ଗୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ପୂର୍ବରୁ ୧୦ କିମି ଦୂରରେ ଥିବା ଆରଆଇ ଅଫିସ୍ ଉପରେ ସ୍ଥାନୀୟ ଲୋକେ ଜମିବାଡ଼ି ମାପଚୁପ, ବାର୍ଦ୍ଧକ୍ୟ ଭତ୍ତା, ଆୟ ଆୟ ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଦାଖଲ ଖାରଜ ମାମଲା ଭଳି ବିଭିନ୍ନ କାର୍ଯ୍ୟ ଲାଗି ନିର୍ଭର କରୁଥିଲେ। ଏଥିପାଇଁ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମବ୍ୟକ୍ତିମାନେ ବହୁ ପରିଶ୍ରମକରି ପୂର୍ବରୁ ଥିବା ଆରଆଇ ଅଫିସ୍ ଯାଉଥିଲେ। ନୂଆବନ୍ତରେ ଆରଆଇ ଅଫିସ୍ ପ୍ରତିଷ୍ଠା ପାଇଁ ସ୍ଥାୟ ଜସାଧାରଣ ପ୍ରାୟ ୨୦ ବର୍ଷ ହେଲା ପ୍ରଶାସନ ନିକଟରେ ଦାବି କରିଆସୁଥିଲେ। ସାଂସଦ ଶ୍ରୀମତୀ ଷଡଙ୍ଗୀଙ୍କୁ ଭେଟି ସ୍ଥାନୀୟ ଲୋକେ ସମସ୍ୟା ବିଷୟରେ ଜଣାଇଥିଲେ। ଶ୍ରୀମତୀ ଷଡଙ୍ଗୀ ଲୋକଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ଆରଡି ବିଭାଗ ଉଚ୍ଚଅଧିକାରୀଙ୍କ ସହିତ ଆଲୋଚା କରିବା ପରେ ଅର୍ଥ ମଞ୍ଜୁର କରାଯାଇଥିଲା। ଉଦଘାଟନ ଉତ୍ସବରେ ସାଂସଦ ଶ୍ରୀମତୀ ଷଡଙ୍ଗୀଙ୍କ ସମେତ ଭୁବଶ୍ୱେର ଉତ୍ତର ନିର୍ବାଚମଣ୍ଡଳୀର ପୂର୍ବତ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ସାହୁ, ଜିଲ୍ଲା ପରିଷଦ ସଭ୍ୟା ବବିତା ରାଉତ, କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ, ସମିତି ସଭ୍ୟ ଭୁବନ ମୋହ ଦାସ ପ୍ରମୁଖ ଯୋଗଦେଇଥିଲେ। ନୂତନ ଆରଆଇ ଅଫିସ ଖୋଲାଯିବା ପରେ ଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# ୫୦ ଲକ୍ଷର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୧୦।୪ (ମହାଭାରତ): ରାଜଧାନୀ ଭୁବନେଶ୍ୱରରେ ନିଶା ବେପାରୀମାନେ କାୟା ବିସ୍ତାର କରିଛନ୍ତି। ମହାନଗରର ଗଳିକନ୍ଦିରେ ନିଶା ମାଫିଆମାନେ ଚଳପ୍ରଚଳ କରୁଛନ୍ତି। ତେବେ ଏମାନଙ୍କର ଉପରେ ମଧ୍ୟ କମିସନରେଟ ପୁଲିସ ଜନର ରଖିଛି। କମିସନରେଟ ପୁଲିସ ୨ ଡ୍ରଗ୍ସ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱରର ସାହିଲ ମହମ୍ମଦ ଓ ଜାହାଙ୍ଗୀର ମହମ୍ମଦ।

ପୁଲିସ କମିସନରେ ସୁରେଶ ଦେବଦତ୍ତ ସିଂହ କହିଛନ୍ତି, ବାଲେଶ୍ୱରର ସାହିଲ ମହମ୍ମଦ ଓ ଜାହାଙ୍ଗୀର ମହମ୍ମଦ ୫୧୫ ଗ୍ରାମ୍ର ବ୍ରାଉନସୁଗାର ଆଣିଥିଲେ। ସେମାନେ ଏହାକୁ କୌଣସି ସ୍ଥାନକୁ ଚାଲାଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। ପୂର୍ବରୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଁ ପୁଲିସ ଟିମ୍ ଅତର୍କିତ ଭାବେ ମାଡ଼ି ବସିଥିଲା। ସେମାନଙ୍କର ଠାରୁ ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ। କଟକ ଓ ଭୁବନେଶ୍ୱରକୁ ଆସୁଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କ ଉପରେ ନଜର ଅଛି। ନିଶା ମାଫିଆଙ୍କ ପାଇଁ କମିସନରରେଟ ପୁଲିସ ଏବେ ଜିରୋଟଲରାନ୍ସ ନୀତି ଆପଣେଇଛି। ରାଜଧାନୀରେ ବଢୁଥିବା ଅପରାଧ ଏବଂ ଅପରାଧୀଙ୍କୁ ମୂଳପୋଛ କରିବା ପାଇଁ ଅଣ୍ଟା ଭିଡ଼ିଛି। ଦୀର୍ଘ ଦିନ ଧରି ରାଜଧାନୀରେ ଚାଲିଥିବା ନିଶା କାରବାର ଉପରେ ଚଢ଼ାଉ କରିଛି ସ୍ୱେଶିଆଲ କ୍ରାଇମ୍ ୟୁନିଟ ଏବଂ ଇନଫୋସିଟି ଥାନା। ମୁଖ୍ୟତଃ ବିଭିନ୍ନ ପାନ ଦୋକାନରେ ଚଢ଼ାଉ କରିଛି। ଇନଫୋସିଟି ଅଞ୍ଚଳରେ ଅନେକ ଶିକ୍ଷାନୁଷ୍ଠାନ ରହିଛି। ସବୁବେଳେ ଅଭିଯୋଗ ହେଇ ଆସେ ବିଭିନ୍ନ ଶିକ୍ଷାନୁଷ୍ଠାନ ପାଖରେ ଥିବା ଅନେକ ପାନ ଦୋକାନରେ ମାଦକ ଦ୍ରବ୍ୟ ମୁଖ୍ୟତଃ ଗଞ୍ଜେଇ ସିଗାରେଟ ବିକ୍ରି ହେଉଛି।

# ଗୁଣ୍ଡାଙ୍କ ଭଳି ବ୍ୟବହାର କରିଥିଲେ କଂଗ୍ରେସ କର୍ମୀ

ଭୁବନେଶ୍ୱର,୧୦।୪ (ମହାଭାରତ): କଂଗ୍ରେସ କର୍ମୀଙ୍କ ବିରୁଦ୍ଧରେ ମାମଲା ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ରଖିଛନ୍ତି। ସେ କହିଛନ୍ତି, ଆକ୍ରମଣାତ୍ମକ ରୂପ ନେଇ ଗୁଣ୍ଡାଙ୍କ ଭଳି ବ୍ୟବହାର କଲେ କଂଗ୍ରେସ କର୍ମୀ ଏବଂ ଆଣିଥିବା ଲୋକ, ଏହା ଅତି ଅନାବଶ୍ୟକ ଥିଲା।

ସରକାରୀ ସଂପତ୍ତିର ଭଙ୍ଗାରୁଜା କଲେ କେସ ହୁଏ, କମିଶନରଟ ଆଇନ ଅନୁଯାୟୀ ବ୍ୟବସ୍ଥା ଅଛି ଆନ୍ଦୋଳନ କରିବାକୁ କାହାକୁ ମନା ନାହିଁ, ସେମାନେ ଗଣତାନ୍ତ୍ରିକ ଉପାୟରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିଥାନ୍ତେ, ସେଥିରେ କିଛି ଅସୁବିଧା ନଥିଲା ଅତୀତରେ ମଧ୍ୟ ଅନେକ ଆନ୍ଦୋଳନ ହୋଇଛି। ସେହିଭଳି ଆକ୍ରମଣାତ୍ମକ ରୂପ ନେଇ ଗୁଣ୍ଡାଙ୍କ ଭଳି ବ୍ୟବହାର କଲେ କଂଗ୍ରେସ କର୍ମୀ ଏବଂ ଆଣିଥିବା ଲୋକ ଏହା ଅତି ଅନାବଶ୍ୟକ ଥିଲା ସେହି ଦୃଷ୍ଟିକୋଣରୁ ପୁଲିସ ଏଭଳି ନିଷ୍ପତ୍ତି ନେଇଛି। ସେଥିରେ ସରକାରର କିଛି କହିବାର ନାହିଁ କି କରିବାର ନାହିଁ। ଯେଉଁ ନୀତି କାନୁନ ଅନୁଯାୟୀ ପଦକ୍ଷେପ ନିଆଯାଇଛି ଏବଂ ପୁଲିସ ତାର ଦାୟିତ୍ୱ ନେବ କଂଗ୍ରେସ କର୍ମୀ ଯାହା କରୁଥିଲେ, ସେମାନେ ତାର ଫଳ ପାଇବେ।


ସେ ଆହୁରି କହିଛନ୍ତି, ସରକାରୀ ସଂପତ୍ତିର ଭଙ୍ଗାରୁଜା କଲେ କେସ ହୁଏ, କମିଶନରଟ ଆଇନ ଅନୁଯାୟୀ ବ୍ୟବସ୍ଥା ଅଛି ଆନ୍ଦୋଳନ କରିବାକୁ କାହାକୁ ମନା ନାହିଁ, ସେମାନେ ଗଣତାନ୍ତ୍ରିକ ଉପାୟରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିଥାନ୍ତେ, ସେଥିରେ କିଛି ଅସୁବିଧା ନଥିଲା ଅତୀତରେ ମଧ୍ୟ ଅନେକ ଆନ୍ଦୋଳନ ହୋଇଛି। ସେହିଭଳି ଆକ୍ରମଣାତ୍ମକ ରୂପ ନେଇ ଗୁଣ୍ଡାଙ୍କ ଭଳି ବ୍ୟବହାର କଲେ କଂଗ୍ରେସ କର୍ମୀ ଏବଂ ଆଣିଥିବା ଲୋକ ଏହା ଅତି ଅନାବଶ୍ୟକ ଥିଲା ସେହି ଦୃଷ୍ଟିକୋଣରୁ ପୁଲିସ ଏଭଳି ନିଷ୍ପତ୍ତି ନେଇଛି। ସେଥିରେ ସରକାରର କିଛି କହିବାର ନାହିଁ କି କରିବାର ନାହିଁୟ ଯୋଉ ନୀତି କାନୁନ ଅନୁଯାୟୀ ପଦକ୍ଷେପ ନିଆଯାଇଛି ଏବଂ ପୁଲିସ ତାର ଦାୟିତ୍ୱ ନେବ ।

# ‘ଆସ ବହିଟିଏ କିଣିବା’ ଅଭିଯାନ

ଭୁବନେଶ୍ୱର,୧୦।୪ (ମହାଭାରତ): ଓଡ଼ିଶାରେ ପ୍ରଥମଥର ପାଇଁ ଏପ୍ରିଲ ମାସ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଆଜି ଓଡ଼ିଆ ପକ୍ଷ ପାଳନର ନବମ ଦିବସ ଅବସରରେ ସାରା ରାଜ୍ୟରେ ‘ଆସ ବହିଟିଏ କିଣିବା’ ଅଭିଯାନ ଅନୁଷ୍ଠିତ ହୋଇଯାଇଛି।

ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସ୍ରଷ୍ଟାମାନଙ୍କ ପାଇଁ ସମର୍ପିତ ଥିଲା ଆଜିର ଏହି ‘ଆସ ବହିଟିଏ କିଣିବା’ ଅଭିଯାନ। ସାହିତ୍ୟ ଜଗତର ସାଧାକମାନଙ୍କ ଦ୍ୱାରା ଲିଖିତ ପୁସ୍ତକକୁ କିଣିବା, ପଢ଼ିବା ଓ ଅନ୍ୟମାନଙ୍କୁ ଉପହାର ଦେବା ଲକ୍ଷ୍ୟରେ ସାରା ରାଜ୍ୟରେ ଆଜି ‘ଆସ ବହିଟିଏ କିଣିବା’ ଅଭିଯାନକୁ ପାଳନ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ଆଜି ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅସ୍ଥାୟୀ ପୁସ୍ତକ ବିକ୍ରୟ କେନ୍ଦ୍ର ତଥା ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀମାନେ ପୁସ୍ତକ ବିକ୍ରୟ କେନ୍ଦ୍ର ପରିଦର୍ଶନ କରିବା ସହିତ ବହି ମଧ୍ୟ କିଣିଥିଲେ। ଏଥିସହିତ ମହାବିଦ୍ୟାଳୟ ମାନଙ୍କରେ ଓଡ଼ିଆ ସାହିତ୍ୟ ଏବଂ ପୁସ୍ତକ ପଠନ ସମ୍ବନ୍ଧୀୟ ଆଲୋଚନା ଚକ୍ର ଆୟୋଜନ କରାଯିବା ସହିତ ବହି କିଣିବା ଓ ପୁସ୍ତକ ପଠନକୁ ନିୟମିତ ଭାବରେ ନିଜର ଦିନଚର୍ଯ୍ୟାରେ ସଂଶ୍ଳିଷ୍ଟ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ରାଜ୍ୟରେ ବିଭିନ୍ନ ସ୍ଥାନରେ ରହିଥିବା ବହି ଦୋକାନମାନଙ୍କରେ ମଧ୍ୟ ‘ଆସ ବହିଟିଏ କିଣିବା’ ଅଭିଯାନକୁ ପାଳନ କରାଯାଇଥିଲା। ଆଜିର ଦିନରେ ବହି ଦୋକାନଗୁଡ଼ିକରେ ପାଠକ ଏବଂ ବିଦ୍ୟାର୍ଥୀମାନଙ୍କର ବେଶ ଭିଡ଼ ପରିଲକ୍ଷିତ ହୋଇଥିଲା। ସମସ୍ତେ ଆନନ୍ଦର ସହିତ ନିଜ ପାଇଁ ବହି କିଣିବା ସହିତ ନିଜ ବନ୍ଧୁ ପରିଜନମାନଙ୍କୁ ମଧ୍ୟ ବହିଟିଏ ଉପହାର ଭାବେ ପ୍ରଦାନ କରିଥିଲେ। ଏଥିସହିତ ବହି କିଣିବା ଓ ପଢ଼ିବାର ସେଲ୍ଫି ଉଠାଇ ଏହାକୁ ଅତି ଉତ୍ସାହର ସହିତ ଓଡ଼ିଆ ପକ୍ଷ ପାଇଁ ନିର୍ମିତ ୱେବସାଇଟ (ଡବ୍ଲୁଡବ୍ଲୁଡବ୍ଲୁ.ଓଡ଼ିଆପକ୍ଷ.କମ୍)ରେ ମଧ୍ୟ ଅପଲୋଡ଼ କରିଥିଲେ। ଓଡ଼ିଆ ସାହିତ୍ୟ ଓ ପୁସ୍ତକ ପଠନ ସମ୍ବନ୍ଧରେ ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସହିତ ସାହିତ୍ୟ ସର୍ଜନାକୁ ପ୍ରୋତ୍ସାହନ ଦେବା ଦିଗରେ ସାରା ରାଜ୍ୟରେ ଆଜିର ଏହି ‘ଆସ ବହିଟିଏ କିଣିବା’ ଅଭିଯାନକୁ ସଫଳତାର ସହ ପାଳନ କରାଯାଇଥିଲା।



# ଖାଦ୍ୟ ଉତ୍ପାଦନ କମ

୧୯୪୭ରେ ଦେଶର ଜନସଂଖ୍ୟା ଥିଲା ୩୫ କୋଟି। ଏବେ ଏହା ୧୪୦ କୋଟିରୁ ଅଧିକ। ଏତେ ସଂଖ୍ୟକ ଲୋକଙ୍କୁ ଖାଦ୍ୟ ଯୋଗାଇବା ବାସ୍ତବରେ ଏକ କଠିନ ବ୍ୟାପାର। ଆମେ ଗହମ ଓ ଚାଉଳ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛୁ। କିନ୍ତୁ ଡାଲିଜାତୀୟ ଫସଲ ଏବଂ ତୈଳବୀଜ ଉତ୍ପାଦନରେ ଆମେ ସ୍ୱାବଲମ୍ବୀ ହୋଇପାରିନୁ। ଫଳ ଓ ପନିପରିବା ଉତ୍ପାଦନ ୧୪୦ କୋଟି ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ। ତେଣୁ ଆମକୁ ଅନେକ ସମୟରେ ଏହାର ଆବଶ୍ୟକତା ପୂରଣ ନିମନ୍ତେ ବିଦେଶରୁ ଏସବୁ ସାମଗ୍ରୀ ଆମଦାନୀ କରିବାକୁ ପଡ଼ିଥାଏ। ବିଦେଶରୁ ଆମଦାନୀ ନହୋଇପାରିଲେ ଏଠାରେ ଅଭାବ ଓ ଦର ବୃଦ୍ଧି ହୋଇଥାଏ। ୟୁକ୍ରେନ-ରଷିଆ ଯୁଦ୍ଧ ପରେ ଭାରତରେ ଖାଇବା ତେଲର ଅଭାବ ଓ ଦରବୃଦ୍ଧି ଏହାର ଏକ ଉଦାହରଣ। ଗତ ଏପ୍ରିଲ ମାସରେ ଭାରତରେ ଅସ୍ୱାଭାବିକ ଗ୍ରୀଷ୍ମପ୍ରବାହ ଯୋଗୁ ଗହମ ଉତ୍ପାଦନ ୨୦% ହ୍ରାସ ପାଇଛି। ସେହିପରି ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବିଳମ୍ବରେ ଆସିବା ସହ ଅନେକ ସ୍ଥାନରେ ସ୍ୱଳ୍ପ ବୃଷ୍ଟିପାତ ବା ବର୍ଷାରେ ଅନିୟମିତତା ଦେଖା ଦେଇଛି। ତେଣୁ ଏଥର ଧାନଚାଷ ୬ ପ୍ରତିଶତ କମ ଜମିରେ ହୋଇଛି। ସେପଟେ କେତେକ ସ୍ଥାନରେ ବନ୍ୟା ଯୋଗୁ ଫସଲ ନଷ୍ଟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଗତ ମେ' ମାସରେ ଗହମ ଏବଂ ଜୁଲାଇରେ ଅଟା ଓ ସିମେଇ ରପ୍ତାନୀ ଉପରେ କଟକଣା ଲାଗୁ କରିଛନ୍ତି। ସେହିପରି ଭଙ୍ଗା ଚାଉଳ ରପ୍ତାନୀକୁ ମଧ୍ୟ ବନ୍ଦ କରାଯାଇଥିବା ବେଳେ ଅଣବାସମତି ଚାଉଳ ରପ୍ତାନୀ ଉପରେ ୨୦% ଶୁଳ୍କ ଧାର୍ଯ୍ୟ କରିଛନ୍ତି। ତେଣୁ ଭାରତରୁ ଚାଉଳ ରପ୍ତାନୀ ହ୍ରାସ ପାଇଛି। ଡବ୍ଲ୍ୟୁଟିଓରେ ଭାରତର ଏହି ପଦକ୍ଷେପକୁ ସମାଲୋଚନା କରାଯାଇଛି। ଭାରତ ଭଳି ଏକ କୃଷି ପ୍ରଧାନ ଦେଶ ଖାଦ୍ୟ ରପ୍ତାନୀ ଉପରେ କଟକଣା ଜାରି କରିବା ଦ୍ୱାରା ବିଶ୍ୱରେ ଖାଦ୍ୟ ସଙ୍କଟ ଆହୁରି ଜଟିଳ ହେବ ବୋଲି ଅନେକ ଆଶଙ୍କା ବ୍ୟକ୍ତ କରିଛନ୍ତି। କିନ୍ତୁ ଏଥିପାଇଁ ଭାରତକୁ ଦୋଷ ଦେବା ଅନ୍ୟାୟ ହେବ। ଭାରତ ସରକାର ନିଜ ଦେଶର ନାଗରିକଙ୍କ ସ୍ୱାର୍ଥ ବିଷୟରେ ପ୍ରଥମେ ଚିନ୍ତା କରିବାରେ କିଛି ଭୁଲ ନାହିଁ। ୧୪୦ କୋଟି ଲୋକଙ୍କୁ ଖାଇବାକୁ ଦେବା ଏତେ ସହଜ ନୁହେଁ। ଆମେରିକା ଭଳି ଏକ ଧନୀ ରାଷ୍ଟ୍ର ମଧ୍ୟ ଏଭଳି ପରିସ୍ଥିତିରେ ହାର ମାନିଯିବ। ତେଣୁ ରପ୍ତାନୀ ବନ୍ଦ ପାଇଁ ଭାରତକୁ ଦୋଷ ଦିଆଯାଇପାରିବ ନାହିଁ। ଭାରତ ସରକାରଙ୍କ କହିବା କଥା ହେଲା ଦେଶରେ ଗହମ ଓ ଚାଉଳ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ତେଣୁ ବ୍ୟସ୍ତ ବିବ୍ରତ ହେବାର କିଛି କାରଣ ନାହିଁ। କିନ୍ତୁ ଅନ୍ୟ ପକ୍ଷରେ ଭାରତ ଗହମ, ଚାଉଳ ଓ ଅନ୍ୟ କୃଷିଜାତ ସାମଗ୍ରୀ ବିଦେଶକୁ ରପ୍ତାନୀ କରି ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରିଥାଏ। ଏହା ବି ଜରୁରୀ। କାରଣ ଏହି ଅର୍ଥରେ ଆମକୁ ଅଶୋଧିତ ତୈଳ ଏବଂ ପ୍ରତିରକ୍ଷା ସାମଗ୍ରୀ କିଣିବାକୁ ପଡୁଛି। ଔଷଧ, ସାର, କୋଇଲା କିଣିବାକୁ ପଡୁଛି। ଏହା ବି ଜରୁରୀ। ମୋଟ ଉପରେ କହିଲେ ନିଜର ଆବଶ୍ୟକତା ପୂରଣ କରି ଭାରତକୁ କିଛି ଖାଦ୍ୟ ସାମଗ୍ରୀ ରପ୍ତାନୀ କରିବାକୁ ପଡ଼ିବ। ସାଉଦୀଆରବ, ୟୁଏଇ, ଓମାନ, କାତାର ଭଳି ଅନେକ ରାଷ୍ଟ୍ର ଯେଉଁଠି ଖାଦ୍ୟ ଉତ୍ପାଦନ କମ ରହିଛି ବା ନାହିଁ କହିଲେ ଚଳେ ସେମାନେ ଭାରତକୁ ତେଲ ଦେଉଛନ୍ତି, ପ୍ରତିବଦଳରେ ଖାଦ୍ୟ ନେଉଛନ୍ତି। ଏହା ମଧ୍ୟ ଦ୍ୱିପାକ୍ଷିକ ସମ୍ପର୍କ ଲାଗି ଜରୁରୀ। ଅନ୍ୟ ରାଷ୍ଟ୍ର ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କ ରକ୍ଷା କୂଟନୈତିକ ଓ ଆର୍ଥିକ ଦୃଷ୍ଟିରୁ ଜରୁରୀ।

# ଜୀବସତ୍ତା ଓ ପାବନା ଆଶ୍ରମର କାହାଣୀ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

“ ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି।

କିଛି ବର୍ଷ ତଳର କଥା ପାବନା ଆଶ୍ରମର ପଦ୍ମାତୀରର ବାଲିଚରରେ ଗୋଟିଏ ଘଟଣା ଘଟେ। ସେତେବେଳେ ଅଳ୍ପ ଅଳ୍ପ ଶୀତ ଅଛି। ପଦ୍ମାନଦୀର ପାଣି କମିଯାଇଛି। ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି। ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡିଯାଉଥିଲେ। ଅତର୍କିତ ଭାବରେ ଗୋଟିଏ ଶିକାରୀ ପକ୍ଷୀ ଦୁଇଟିକୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲା। ଗୁଳି ଡେଣାରେ ବାଜିଲେ ମଧ ପକ୍ଷୀ ଦୁଇଟି ଉଡିଯାଇ ଚରର ଗୋଟିଏ ଜାଗାରେ ବସିଲେ। ସେତେବେଳେ ଶ୍ରୀ ଶ୍ରୀ ଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀର ବାରଣ୍ଡାରେ ଥିଲେ। ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ! ପକ୍ଷୀ ଦୁଇଟିକୁ ମାରିଲା ବୋଧହୁଏ। ମୁଁ ଏପରି ଅସହାୟ! ମୁଁ କ'ଣ କରିପାରିବି? - ଏୟ କହି କୁଟୀରରୁ ତଳକୁ ଓହ୍ଲେଇ ଆସି ବନ୍ଧ କଡ଼େ କଡ଼େ ଆଗେଇ ଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳ ଭାବେ ଦଉଡାଦଉଡି କରିବାକୁ ଲାଗିଲେ। ଏହା ମଧରେ ପକ୍ଷୀ ଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା। ଏଥିରେ ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ 'ହାୟ, ହାୟ ପକ୍ଷୀ ଦୁଇଟି ମଲେ।' କହି ଆର୍ତ୍ତନାଦ କରି ଉଠିଲେ। ତାଙ୍କ ନିଜ ବକ୍ଷରେ ଯେପରି ଗୁଳିବିଦ୍ଧ ହୋଇଛି ଏହିପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ ଛଟପଟ ହୋଇ ମାଟିରେ ପଡ଼ି ଆହା ଉହୁ କରିବାକୁ ଲାଗିଲେ। ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ। ସର୍ବଜୀବ ସହିତ ଏକାତ୍ମତା ଶ୍ରୀ ଶ୍ରୀ ଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି। ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ। ଦିନେ ସେ ଘୋଡ଼ା ଗାଡ଼ିରେ ବସି କୁଷ୍ଟିୟାକୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ। ଘୋଡ଼ାଗାଡ଼ିରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ। ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ। ତେଣୁ ଶୀଘ୍ର ଚାଲି ନପାରିବାରୁ କୋଚମ୍ୟାନ ପାଏଁ ପାଏଁ ତିନି ପାହାର ଚାବୁକା ମାରେ ଘୋଡ଼ା ପିଠିରେ। ଚାବୁକ ମାରିବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଘୋଡ଼ାର ଖୁବ୍ କଷ୍ଟ ହେଉଛି - ଆସନ୍ତୁ ଆମେ ଚାଲି ଚାଲି ଯିବା। ଏହା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲେଇ ପଡ଼ିବାକୁ କହିଲେ। ତାପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ। ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀ ଶ୍ରୀ ଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ। ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ - ଇଏ କ'ଣ! ଆପଣଙ୍କ ପିଠିରେ ତିନୋଟି ଚାବୁକ ମାଡ଼ର ଦାଗ ଆସିଲା କିପରି?

ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି। କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁନାହିଁ। ସେତେବେଳେ ସେ କହିଲେ - ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ବୋଲି ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ। ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି। କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା ମୋର ନଥିଲା। ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ - ଯାହାଙ୍କ ଘରକୁ ଏମାନେ ଯାଇଥିଲେ - ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଚାରିଲି। ସେ ତିନିଜଣ ଯାକ ସମସ୍ତେ କହିଲେ ଯେ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ତିନିଟି ଚାବୁକ୍‌ର ଦାଗ ସେମାନେ ଦେଖିଛନ୍ତି - ଏ କଥା ଧ୍ରୁବ ସତ୍ୟ। କିନ୍ତୁ ଘୋଡ଼ାକୁ ମାରିବା ଚାବୁକର ଦାଗ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି - ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ। ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ୍ୟ ପୃଥିବୀ ଇତିହାସରେ ଏପରି ନଜିର ଅଛି। କଥିତ ଅଛି ଯେ ଭଗବାନ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା। ପରେ ପାଶ୍ଚାତ୍ୟ ଜଗତର ଖ୍ରୀଷ୍ଟଧର୍ମର ଇତିହାସ ଆଲୋଚନା ବେଳେ ଜାଣିଛି ଯେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କ ସମ୍ବନ୍ଧରେ ଗଭୀର ଭାବେ ଚିନ୍ତା କରିବା ଫଳରେ କୌଣସି ଖ୍ରୀଷ୍ଟଭକ୍ତଙ୍କ ଦେହରେ ଅନୁରୂପ କ୍ଷତଚିହ୍ନ ଓ ରକ୍ତ କ୍ଷରଣ ପରିଲକ୍ଷିତ ହୋଇଥିଲା। ଏଇ ବିଂଶ ଶତାବ୍ଦୀରେ ହିଁ ୧୯୬୨ ମସିହାରେ ଜର୍ମାନୀର ଅନ୍ତର୍ଗତ ବ୍ୟାଭେରିୟାର କୋନାର - ସେରିଭୟ ଗ୍ରାମରେ ଥେରେସା ନିଉମ୍ୟାନ ନାମରେ ଜଣେ କ୍ୟାଥଲିକ୍ ମହିଳାର ମଥା, ଛାତି ଓ ପାଦରେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କର ଚିନ୍ତା କରୁ କରୁ ଅନୁରୂପ କ୍ଷତର ସୃଷ୍ଟି ହୁଏ ଏବଂ କ୍ଷତସ୍ଥାନରୁ ଏତେ ପରିମାଣରେ ରକ୍ତପାତ ହୁଏ ଯେ ତାଙ୍କ ଶରୀରର ଓଜନ ଦଶ ପାଉଣ୍ଡ କମିଯାଏ। ଡାକ୍ତର ଫ୍ରିଜ ଜାରଲିକ୍ ନାମରେ ଗୋଟିଏ ଜର୍ମାନ ପତ୍ରିକାର ସମ୍ପାଦକ ଏହା ଏକ ବିରାଟ ଧପ୍‌ପାବାଜି ବୋଲି ମନେକରି ସେଇ ମହିଳାଙ୍କୁ ପରୀକ୍ଷା କରିବାକୁ ଯାନ୍ତି। ସେ ସବୁ ଦେଖିଶୁଣି ଓ ପରୀକ୍ଷା କରି ସନ୍ଦେହମୁକ୍ତ ହୋଇ ଉକ୍ତ ମହିଳାର ଜଣେ ଭକ୍ତ ହୋଇଉଠନ୍ତି ଏବଂ ସ୍ୱୟଂ ସେଇ ମହିଳାର ଜୀବନୀ ଲେଖନ୍ତି। ବାରାଦି ଗ୍ରାମର ଉକ୍ତ ଘଟଣା ସଂଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରରେ। ଶ୍ରୀ ଶ୍ରୀ ଠାକୁର କିଶୋରୀମୋହନ ଦାସଙ୍କ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ। ଗୋଟାଏ ଗୋରୁ ସେଠାରେ ଦଉଡିରେ ବନ୍ଧା ହୋଇଥିଲା। ଗୋରୁଟା ଚରୁ ଚରୁ ବେକରେ ଦଉଡି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡିରେ ନଟକି ରହିଥାଏ ଆଉ ପ୍ରାଣପଣେ ଡାକ ଛାଡୁଥାଏ। ତାର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀ ଶ୍ରୀ ଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋରରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀ ଶ୍ରୀ ଠାକୁର ଉପରୁ ସେଇ ଦଉଡି ଧରି ଟାଣୁଥାନ୍ତି। ଏହିପରି କରି ଅତି କଷ୍ଟରେ ଗୋରୁଟାକୁ ଉପରକୁ ଟେକାହୁଏ। ଖୁବ୍ ଜୋରରେ ଦଉଡି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଗୋରୁଟାକୁ ଏହିପରି ଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀ ଶ୍ରୀ ଠାକୁର ଲୁଗାର ଖୋସାଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ। ଆଶ୍ରମକୁ ଫେରିଆସି ଶ୍ରୀ ଶ୍ରୀ ଠାକୁର ବେକରେ ଗୁଡ଼ାଇଥିବା ଲୁଗା ଖୋଲିବା ମାତ୍ରେ କିଶୋରୀଦା ଦେଖିପାରିଲେ - ବେକରେ ଦଉଡି ଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀ ଶ୍ରୀ ଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି। ସେ ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି। ଏ ଦାଗ ଆସିଲା କେଉଁଠୁ? ଶ୍ରୀ ଶ୍ରୀ ଠାକୁର - ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡି ଟଣାର ଦାଗ ପଡ଼ିଯାଇଥିଲା। ତେଣୁ ମୋ ବେକରେ ବି ସେହିପରି ଦାଗ ହୋଇଛି। କିଶୋରୀଦା ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ବ ହୋଇଗଲେ। ଭାବିବାକୁ ଲାଗିଲେ - ଏହା କିପରି ସମ୍ଭବ? ତା ହେଲେ କ'ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତପ୍ରୋତ ଭାବେ ଜଡ଼ିତ? ସେମାନଙ୍କର ସୁଖଦୁଃଖ କଣ ନିଜର ସୁଖଦୁଃଖ ବୋଲି ଅନୁଭବ କରନ୍ତି? ଉପରୋକ୍ତ ଘଟଣାଟି ଶ୍ରଦ୍ଧେୟ କିଶୋରୀଦାଙ୍କ ପାଖରୁ ଅବଗତ ହେବାପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ମୁଁ ନିଜେ ପଚାରି ଏ ବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇଛି।

ସହ-ପ୍ରତିରତ୍ନିକ ଓ ପୂର୍ବତନ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଦେଶଦ୍ରୋହ ଅପରାଧ

॥ ଯୁଧିଷ୍ଠିର ମହାରଣା ॥

ଭାରତୀୟ ପିଙ୍ଗଳ କୋର୍ଡ଼ର ଧାରା ୧୨୪ (କ) ଯାହା ଦେଶଦ୍ରୋହର ସଂଜ୍ଞା ଓ ଏହାକୁ ଉଲଘଂନ କରୁଥିବା ବ୍ୟକ୍ତି, ନାଗରିକଙ୍କ ପାଇଁ ଦଣ୍ଡବିଧାନ କରିଥାଏ ତାହାକୁ ନେଇ ବର୍ତ୍ତମାନ ଚର୍ଚ୍ଚା। ଆରମ୍ଭ ହେବାସହ ଏହାକୁ ନେଇ ରାଜନୈତିକ ଘମାସାନ ଦୃଶ୍ୟ ଜାତୀୟ ଗଣମାଧ୍ୟର ପ୍ରମୁଖ ଖବର ସ୍ଥାନ ପାଇଛି। ନିକଟରେ ଆଇନ କମିଶନ ଏକ ମନ୍ତବ୍ୟକୁ ନେଇ ଏହି ଚର୍ଚ୍ଚା, ଚର୍ଚ୍ଚିତ କ୍ଷେତ୍ର ପାଇଁ ରାସ୍ତା ତିଆରି କରିଛି। ସରକାରଙ୍କ ସହ ଏକମତ ହୋଇ ଗୋଟିଏ ଧାରାରେ କହିବା ଦେଶାତ୍ମବୋଧ ନୁହେଁ ଦେଶ ମାତୃକାର ପ୍ରତି ସ୍ନେହ, ଶ୍ରଦ୍ଧା, ଆତ୍ମବିଶ୍ୱାସ, ଜ୍ଞାପନ କରିବା ପାଇଁ ଲୋକମାନଙ୍କ ପାଖରେ ସ୍ୱାଧୀନତାର ଆବଶ୍ୟକତା ରହିଛି ନିଶ୍ଚୟ କିନ୍ତୁ ବେଆଇନ ଓ ହିଂସାଦ୍ୱାରା ଯଦି କିଏ ସାଧାରଣ ଜନଜୀବନକୁ ଅଶ୍ୱସ୍ତି କରିବା ସହ ପ୍ରଶାସନକୁ ନାକେଦମ କରିବା ଓ ସରକାରଙ୍କୁ ଫୋପାଡ଼ିବାକୁ ଚାହୁଁଛି ଏ କ୍ଷେତ୍ରରେ ଦେଶଦ୍ରୋହ ମାମଲା ଦାଏର ହେବା ଅତ୍ୟନ୍ତ ଜରୁରୀ। ଏହି ଭଳି ମତପୋଷଣ ସହ ଧାରା ୧୨୪(କ)ର ସଂଶୋଧନ ପାଇଁ ମତ ସୃଷ୍ଟି ହେବା ଦରକାର ବୋଲି ଆଇନ କମିଶନ କହିଛନ୍ତି। ଏ କ୍ଷେତ୍ରରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଦେଶଦ୍ରୋହ ଆଇନ ରହିବା ଉଚିତ ନା ତାହାକୁ ଉଠାଇ ଦିଆଯିବା ଦରକାର। କାରଣ ଏହାର ଅସଲ ମଞ୍ଜି ରହିଛି ସ୍ୱାଧୀନତା ସଂଗ୍ରାମ ବେଳର କଥାକୁ ନେଇ। ସ୍ୱାଧୀନତା ସଂଗ୍ରାମକୁ ରୋକ ଲଗାଇବା ପାଇଁ ବ୍ରିଟିଶ ସରକାର ଯେଉଁ ଦେଶଦ୍ରୋହ ଆଇନ ଆଣିଥିଲେ ତାହା ଦଶ ବର୍ଷ ପୂର୍ବରୁ ଇଂଲଣ୍ଡରୁ ହଟାଇ ଦିଆଯାଇଛି। ୧୯୬୮ରେ ଭାରତର ନ୍ୟାୟ କମିଶନ ଏହି ଆଇନକୁ ଉଚ୍ଛେଦ କରିବାର ଧାରାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ୧୯୭୧ର ଏହି ଧାରାକୁ ଆହୁରି କଠୋର କରାଯାଇଥିଲା। ଆସନ୍ତୁ ପ୍ରଥମ ପ୍ରସଙ୍ଗକୁ ନେଇ ଚର୍ଚ୍ଚା କରିବା। ଭାରତର ସ୍ୱତନ୍ତ୍ରତା, ଅଖଣ୍ଡତା, ତଥା ସାର୍ବଭୌମତ୍ୱ ରକ୍ଷା ପାଇଁ ଆଇପିସି ୧୨୪(ଏ) ଧାରାକୁ ବିଧିବଦ୍ଧ ଭାବେ ଆଇନ ବ୍ୟବସ୍ଥା ଭିତରେ ମଜଭୁତ୍ କରାଯିବା ଦରକାର। ଏହି ଆଇନକୁ ମୌଳିକ ଅଧିକାର ସହ ତୁଳନା କରିବା ଅନୁଚିତ। କାରଣ ଯେକୌଣସି ବ୍ୟକ୍ତି ହେଉନା କାହିଁକି ବ୍ୟକ୍ତିର ଅଧିକାର କେବେ ବି ସେ ଦେଶଠାରୁ ବଡ଼ ନୁହେଁ। ବର୍ତ୍ତମାନ ଜାମ୍ମୁ-କାଶ୍ମୀର ଠାରୁ ମହାରାଷ୍ଟ୍ର, ଗୁଜୁରାଟ ଠାରୁ ଛତିଶଗଡ଼ ତଥା ଦେଶର ଅନ୍ୟ ରାଜ୍ୟରେ ନକ୍ସଲମାନେ ଯେଉଁ ପ୍ରକାର ଅସାମ୍ବିଧାନିକ ଭାବରେ ଜନଜୀବନଙ୍କ କ୍ଷତି କରିବା ସହ ସରକାରଙ୍କ ଜନସାଧାରଣଙ୍କ ନିମିତ୍ତ ପ୍ରକଳ୍ପର ଘୋର ବିରୋଧ କରୁଛନ୍ତି। ହିଂସା ଦ୍ୱାରା ସ୍ଥାନୀୟ ଅଞ୍ଚଳରୁ କୋଟି କୋଟି ଟଙ୍କାର ବଟି ଆଦାୟ କରି ଏହି ଅର୍ଥ ବିଚ୍ଛିନ୍ନତାବାଦୀ, ଦେଶବିରୋଧି ଚରିତ୍ର ଓ ନକ୍ସଲମାନଙ୍କ ପାଇଁ ଖର୍ଚ୍ଚ କରାଯାଉଛି। ବର୍ତ୍ତମାନ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟର ରାଜ୍ୟ ସରକାରଙ୍କ ଅନେକ ଜନସ୍ୱାର୍ଥ ସମ୍ବଳିତ ପ୍ରକଳ୍ପ ବାଧାପ୍ରାପ୍ତ ହେବା ସହ କେତେକ ସ୍ଥାନରେ ବିଳମ୍ବିତ ହେଉଛି। ଆଇନଗତ ଭାବେ ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟକ୍ଷ ନିର୍ବାଚନରେ ନିର୍ବାଚିତ ସରକାରଙ୍କୁ ଅମାନ୍ୟ କରି ସରକାରୀ ବିରୋଧୀ ମୋର୍ଚ୍ଚା ଗଠନ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଅଗ୍ରହଣୀୟ। ଏହାକୁ ମୌଳିକ ଅଧିକାର ବା ବାକ୍ ସ୍ୱାଧୀନତା କୁହାଯାଇପାରିବ କି? ଗୋଟିଏ ଛୋଟିଆ ଉଦାହରଣ ଦିଆଯାଇପାରେ ଜଣକୁ କହିବାର ସ୍ୱାଧୀନତା ସମ୍ବିଧାନ ଦେଇଛି ବୋଲି ଜଣେ କୋର୍ଟ ରୁମ୍‌ରେ ଜଜ୍‌ଙ୍କୁ ଦୁର୍ବ୍ୟବହାର କରିପାରିବ କି? ଲୋକପ୍ରତିନିଧି ହୁଅନ୍ତୁ ବା ସରକାରଙ୍କ ଉଚ୍ଚପଦ ପଦବୀର ପ୍ରଶାସନ। ଏହି ସ୍ୱାଧୀନତା ନାମରେ ସେମାନଙ୍କୁ ବିରୋଧ କରିବା, ଅଶାଳୀନ ମନ୍ତବ୍ୟ ଦେବା ଓ ହିଂସାକାଣ୍ଡ ଘଟାଇବା କେତେଦୂର ପ୍ରାସଙ୍ଗିକ?

ଅନେକ ହୁଏତ ଜାଣିନଥିବେ ସମଗ୍ର ବିଶ୍ୱରେ ଏପରି କୌଣସି ଗଣତାନ୍ତ୍ରିକ ଦେଶ ନାହିଁ ଯାହା ଆମ ଭାରତ ଭଳି ତାହାର ନାଗରିକଙ୍କୁ ପର୍ଯ୍ୟାପ୍ତ ସ୍ୱାଧୀନତା ପ୍ରଦାନ କରିଛି। ଏହି ରାଷ୍ଟ୍ରରେ ପ୍ରତିଟି ନାଗରିକଙ୍କୁ ମୁକ୍ତ ଓ ସ୍ୱାଧୀନ ଭାବରେ ମତ ପ୍ରଦାନ କରିବାର ଅଧିକାର ରହିଛି। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ଆଜି ନିଜ ଆଭ୍ୟନ୍ତରୀଣ ଦେଶଦ୍ରୋହୀ ମାନଙ୍କ ବିଭିନ୍ନ ହିଂସାକାଣ୍ଡର ଶିକାର ହୋଇ ଜାତୀୟ ପ୍ରଗତି ବାଧାପ୍ରାପ୍ତ ହେବା ସହ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଉଛି। ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଉଥିବା ସଂଗ୍ରାମୀ ମାନଙ୍କୁ ଦଣ୍ଡ ଦେବା ନିମିତ୍ତ ତତ୍କାଳୀନ ଇଂରେଜ ସରକାର ୧୮୬୧ରୁ ଭାରତୀୟ ପିଙ୍ଗଳକୋର୍ଡରେ ଏହି ବ୍ୟବସ୍ଥା କରିଥିଲେ। ଏହି ଆଇନ ଦ୍ୱାରା ଜାତିର ଜନକ ମହାତ୍ମାଗାନ୍ଧୀ, ଲୌହମାନବ ସର୍ଦ୍ଦାର ପଟେଲଙ୍କ ଭଳି ଶହ ଶହ ନେତା କାରାରୁଦ୍ଧ ହୋଇଥିଲେ। ନିକଟରେ ମହାରାଷ୍ଟ୍ରର ଭୀମାକୋରେ ଗାଁଓ ହିଂସାକାଣ୍ଡ ଓ ମାଓବାଦୀଙ୍କ ସହ ସମ୍ପର୍କ ନେଇ ପାଞ୍ଚଜଣ ସାମାଜିକ କର୍ମୀ ଓ ଆଇନଜୀବୀଙ୍କ ବିରୁଦ୍ଧରେ ମହାରାଷ୍ଟ୍ରର ପୁନେ ପୁଲିସ ଅଭିଯୋଗ କରି ଗିରଫଦାର କରିବା ପରେ ମାନ୍ୟବର ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରି ସେମାନଙ୍କ ଗିରଫ ନକରି ଗୃହବନ୍ଦୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶାନ୍ତିପ୍ରିୟ ଓ ଗଣତନ୍ତ୍ର ତଥା ଅହିଂସାର ରାଷ୍ଟ୍ର ଭାବେ ସମଗ୍ର ବିଶ୍ୱରେ ପରିଚିତ ଆମ ଭାରତ ଆଜି ଅନେକ ସମସ୍ୟାକୁ ସାମ୍ନା କରୁଛି। ଜାମ୍ମୁ-କାଶ୍ମୀରକୁ ଅଶାନ୍ତ କରିବା ପାଇଁ ପଡ଼ୋଶୀ ପାକିସ୍ଥାନ ନିୟମିତ ଭାବରେ ଆତଙ୍କବାଦୀ ମାନଙ୍କୁ ଓ ଜାମ୍ମୁ-କାଶ୍ମୀରର କିଛି ଅସାମାଜିକ ତତ୍ତ୍ୱ ମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଭୟଙ୍କର ହିଂସାକାଣ୍ଡ ସଂଗଠିତ କରୁଛନ୍ତି। ଜାମ୍ମୁ-କାଶ୍ମୀରର ନିର୍ବାଚିତ ସରକାର ପଦଚ୍ୟୁତ ହୋଇ ସେଠାରେ କେନ୍ଦ୍ର ସରକାର ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ ବାଧ ହେଲେ। ଭାରତର ବିଭିନ୍ନ ସ୍ଥାନରେ ଅସାମାଜିକ ତତ୍ତ୍ୱମାନେ ବ୍ୟକ୍ତି ସ୍ୱାଧୀନତାର ବାହାନାରେ ଜାତୀୟ ସଂଗୀତ ଜନଗଣମନ ଗାଇଲାବେଳେ ଛିଡ଼ା ହଉନାହାନ୍ତି ତ କେତେକ ସ୍ଥାନରେ ବନ୍ଦେ ମାତରମ୍ କହିବାକୁ ଇଚ୍ଛୁକ ହେଉନାହାଁନ୍ତି। ଜାତୀୟ ପତାକା ପୋଡ଼ି ପାକିସ୍ଥାନ ଓ ଆଇଏସଆଇ ଭଳି ବିଶ୍ୱର ଭୟଙ୍କର ଆତଙ୍କବାଦୀ ସଂଗଠନର ପତାକାକୁ ଜାମ୍ମୁ-କାଶ୍ମୀରରେ ପ୍ରଦର୍ଶନ କରାଯାଉଛି। ଦେଶଦ୍ରୋହ ଅପରାଧ ରହିବା ଆବଶ୍ୟକ ଯଦି ଆଇନବିତ୍‌ମାନେ ସମ୍ପୃକ୍ତ ଧାରା ୧୨୪(କ)ର ବିକଳ୍ପ ଆଇନ ତିଆରି ହୋଇଛି ବୋଲି ଅନୁଭବ କରୁଛନ୍ତି। ସେମାନେ ବିଧିବଦ୍ଧ ଭାବେ ଏହି ପ୍ରସ୍ତାବ କେନ୍ଦ୍ରର ଆଇନ କମିଶନକୁ ଦେଇପାରିବେ। ଯାହାଦ୍ୱାରା ସମଗ୍ର ଦେଶରେ ଏହି ପ୍ରସଙ୍ଗକୁ ନେଇ ଆରମ୍ଭ ହୋଇଥିବା ଚର୍ଚ୍ଚା ସଠିକ୍ ଭାବରେ ହୋଇପାରିବ।

ଆଡ଼ଭୋକେଟ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୪୩୭୧୬୩୫୨୮

# ଶ୍ରୀମନ୍ଦିରରେ ପୂଷ୍ୟାଭିଷେକ

॥ ଗୋପୀନାଥ ଦାଶ ॥

ପୌଷ ମାସ ପୂର୍ଣ୍ଣିମାରେ ବ୍ରତ ଉପବାସ କରିବାର ବିଶେଷ ମହତ୍ତ୍ୱ ରହିଛି। ଏହି ଦିନରେ ସ୍ନାନ ଏବଂ ଦାନର ଫଳ ଶ୍ରେଷ୍ଠ ହୋଇଥାଏ। ଶାସ୍ତ୍ର ଅନୁଯାୟୀ ପୌଷ ପୂର୍ଣ୍ଣିମାରେ ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ଉପବାସ ରଖି ସୁଖ, ସମ୍ପତ୍ତି ପ୍ରାପ୍ତି ହୋଇଥାଏ। ଏହି ଦିନ ସତ୍ୟନାରାୟଣ ବ୍ରତ ରଖିବା ସହ ବିଧିବିଧାନ ସହିତ ପୂଜା କଲେ ବିଶେଷ ଫଳ ମିଳିଥାଏ। ଏହି ଦିନ ପ୍ରାତଃ ସ୍ନାନାଦି କାର୍ଯ୍ୟ ସାରି ଭଗବାନ ମଧୁସୂଦନଙ୍କ ପୂଜା କରି ନୈବେଦ୍ୟ ଅର୍ପଣ କରିବା ଆବଶ୍ୟକ। ପରେ ଗରିବଙ୍କୁ ଭୋଜନ କରାଇଲେ ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ। ଧର୍ମ ଶାସ୍ତ୍ର ଅନୁଯାୟୀ ପୌଷ ପୂର୍ଣ୍ଣିମା ଦିନ ପବିତ୍ର ନଦୀରେ ସ୍ନାନ କରିବାର ପରମ୍ପରା ମଧ ରହିଛି। ସେଥିପାଇଁ ସମସ୍ତ ତୀର୍ଥ ସ୍ନାନରେ ଥିବା ନଦୀଗୁଡ଼ିକରେ ଏହି ଦିନ ପୂଣ୍ୟ କାମନା କରି ଶ୍ରଦ୍ଧାଳୁମାନେ ସ୍ନାନ ଏବଂ ପୂଜାର୍ଚ୍ଚନା କରିଥାନ୍ତି। ଏହାଦ୍ୱାରା ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ। ଏହି ଅବସରରେ କରାଯାଇଥିବା ଦାନ ଅମୋଘ ଫଳ ଦେଇଥାଏ। ପୌଷ ପୂର୍ଣ୍ଣିମା ଦିନ ପବିତ୍ର ତୀର୍ଥ ସ୍ଥଳୀରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦାନ କରିବାର ମଧ ବିଧି ରହିଛି। କୌଣସି ତୀର୍ଥସ୍ଥାନ କିମ୍ବା ନଦୀକୁ ଯାଇନପାରିଲେ ଏହି ଦିନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କଲେ ମଧ ପିତୃପୁରୁଷମାନେ ଶାନ୍ତି ପ୍ରାପ୍ତି କରିଥାନ୍ତି। ଏହି ପବିତ୍ର ତିଥିରେ ଭଗବାନ ଜଗନ୍ନାଥଙ୍କର ପୁଷ୍ୟାଭିଷେକ କରାଯାଇଥାଏ। ତେଣୁ ଏହାକୁ ଦେବାଭିଷେକ ପୂର୍ଣ୍ଣିମା ମଧ କୁହାଯାଇଥାଏ। ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମଧ ଏହି ଦିନରେ ମହୋଦଧୀ ଆଳତୀ କରିଥାନ୍ତି। ଏହି ଦିନରେ ଭଗବାନ ମଧୁସୂଦନଙ୍କ ପୂଜା ସମସ୍ତ ବୈଭବ ଏବଂ ଦିବ୍ୟଲୋକ ପ୍ରଦାନ କରିଥାଏ। ମାଘ ମାସ ସ୍ନାନର ପ୍ରାରମ୍ଭ ମଧ ଏହି ପୂର୍ଣ୍ଣିମାରୁ ହୋଇଥାଏ।

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ପୌଷ ପୂର୍ଣ୍ଣିମା ଦିନ ରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ରାଜ୍ୟଭାର ଗ୍ରହଣ କରିଥିଲେ। ଏହାପୂର୍ବରୁ ତାଙ୍କର ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ସ୍ମୃତି ରୂପେ ଗ୍ରହଣ କରି ପ୍ରତିବର୍ଷ ଏହି ଦିନ ଦେବମନ୍ଦିରଗୁଡ଼ିକରେ ଠାକୁରମାନଙ୍କର ପୂଷ୍ୟାଭିଷେକ ଅନୁଷ୍ଠିତ ହୋଇଥାଏ। ଏହିଦିନ ପୁରୀ ବଡ଼ ଦେଉଳରେ ଶ୍ରୀଜୀଉମାନଙ୍କର ପୁଷ୍ୟଭିଷେକ ହୁଏ। ଶାସ୍ତ୍ରରେ ଏ ଉତ୍ସବ ନେଇ ଉଲ୍ଲେଖ ଅଛି ପୌଷ ମାସି ସିତେ ପକ୍ଷେ ପୌର୍ଣ୍ଣମାୟାଂ ରୁକ୍ମିଣୀ ପତେଃ। ଭୂଷ୍ୟଭିଷେକଂ କୁର୍ବୀତ୍ ସର୍ବକାମାର୍ଥ ସିଦ୍ଧୟେ। ଏହି ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କ ନିତ୍ୟ ପୂଜା ପରେ ନୂତନ ବସ୍ତ୍ର, ଭୂଷଣ ଓ ଗନ୍ଧ ପୁଷ୍ପ ଆଦି ଦ୍ୱାରା ଠାକୁରଙ୍କୁ ବେଶ କରାଯାଇ ଯାତ୍ରା ମଣ୍ଡପକୁ ନିଆଯାଏ। ସେଠାରେ ବରୁଣପୂଜା, ସ୍ଥିତି ବାଚନ, ମଙ୍ଗଳାରୋପଣ, ଯଜ୍ଞୋପବୀତ ସମର୍ପଣ, ହୋମ, ଆରତି ଇତ୍ୟାଦି ବିଧିରେ ବିଜେ ପ୍ରତିମା ସହ ଖଡ଼୍‌ଗ ପୂଜା ପରେ ଭକ୍ତ ଯଜ୍ଞୋପବୀତ ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ଓ ପରେ ଯାତ୍ରା ମଣ୍ଡପରେ ଯଥାବିଧି ଉପଚାର ସହିତ ରାଜାଙ୍କୁ ଅର୍ପଣ କରାଯାଏ। ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଅଭିଷେକ ଉତ୍ସବ ରାଜାଙ୍କ ଅଭିଷେକ ରୂପେ ପାଳିତ ହୁଏ। ଏହି ଅଭିଷେକୋତ୍ସୋବ ଦର୍ଶନରେ ଦର୍ଶନାର୍ଥୀ ପାପମୁକ୍ତ ହୋଇ ବୈକୁଣ୍ଠପୁରୀ ପ୍ରାପ୍ତ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ଏହି ଅବସରରେ ରତ୍ନସିଂହାସନରେ ଶ୍ରୀଜୀଉମାନଙ୍କୁ ସୁନାବେଶରେ ସଜ୍ଜିତ କରାଯାଏ।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଦୂରଭାଷ : ୮୮୯୫୨୯୬୧୬୭

# ୫୦ ପ୍ରତିଶତ ଶୁଳ୍କ ଧମକ ଦେଲେ ଟ୍ରମ୍ପ

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ବିଶ୍ୱରେ ଟାରିଫ ୱାର ସ୍ଥିତି । ଚୀନ-ଆମେରିକା ମୁହାଁମୁହିଁ । ବେଜିଂ ଉପରେ ଅତିରିକ୍ତ ୫୦ ପ୍ରତିଶତ ଟାରିଫ ଲଗାଇଲେ ଟ୍ରମ୍ପ । ଫଳରେ ଚୀନ ସାମଗ୍ରୀ ଉପରେ ଆମେରିକାର ମୋଟ ଟାରିଫ ୯୪ ପ୍ରତିଶତ ଛୁଇଁଛି। ପୂର୍ବରୁ ୩୪ ପ୍ରତିଶତ ଟାରିଫ ସହ ନୂଆ ୫୦ ପ୍ରତିଶତ ଏହାଛଡ଼ା ସବୁ ଦେଶ ଉପରେ ୧୦ ପ୍ରତିଶତ ଗ୍ଲୋବାଲ ଟାରିଫକୁ ମିଶାଇ ଚୀନ ଉପରେ ୯୪ ପ୍ରତିଶତ ଶୁଳ୍କ ଲଗାଇଛି ଆମେରିକା। ଆମେରିକାର ସବୁ ସାମଗ୍ରୀ ଉପରେ ଚୀନ ରାଷ୍ଟ୍ରପତି ଜିନପିଙ୍ଗ ୩୫% ଶୁଳ୍କ ଲଗାଇବାର ୪୮ ଘଣ୍ଟା ପରେ ଅତିରିକ୍ତ ଶୁଳ୍କ ଲାଗୁ କରିଛି ଆମେରିକା । ଯେସାକୁ ତେସା ନୀତିରେ ବିଶ୍ୱାସ ରଖୁଥିବା ବିଶ୍ୱର ଦୁଇ ଶକ୍ତିଶାଳୀ ନେତାଙ୍କ ଟାରିଫ ଯୁଦ୍ଧ ଆଗକୁ ବିଶ୍ୱ ବଜାରକୁ ଅଧିକ ପ୍ରଭାବିତ କରିବ । ସେପଟେ ଜବାବରେ ଜିନପିଙ୍ଗ ପୁଣି ଟାରିଫ ବୃଦ୍ଧି କରିପାରନ୍ତି ବୋଲି କୁହାଯାଉଛି । ଯଦି ଏଭଳି ହୁଏ ଭାରତକୁ ଫାଇଦା ମିଳିବ । ଟ୍ରମ୍ପଙ୍କ ଶୁଳ୍କ ଉପରେ ୯୦ ଦିନର ରୋକ ଲାଗିପାରେ ବୋଲି ଚର୍ଚ୍ଚା ଭିତରେ ଏଭଳି ଘୋଷଣା କରିଛି ଆମେରିକା । ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁଁ ବିଶ୍ୱର ସବୁ ଦେଶ ପ୍ରଭାବିତ ହୋଇଛନ୍ତି । ଆମେରିକା ସମେତ ଭାରତର ସେୟାର ବଜାର କ୍ରାସ ହୋଇଛି । ଫଳରେ ନିବେଶକମାନେ ଚିନ୍ତାରେ ପଡିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପ୍ରିଲ ୨ରେ ବିଶ୍ୱର ବିଭିନ୍ନ ଦେଶକୁ ଟାର୍ଗେଟ କରି ପାଲଟା ଶୁଳ୍କ ଘୋଷଣା କରିଥିଲେ । ଅଟୋ ମୋବାଇଲ, ଦୁଗ୍ଧ, ଇସ୍ପାତ ଏବଂ ଇଲେକ୍ଟ୍ରୋନିକ୍ସ ଭଳି କ୍ଷେତ୍ର ଏହି ଶୁଳ୍କ ଦ୍ୱାରା ବିପଦରେ ପଡ଼ିଛି । ରାଷ୍ଟ୍ରପତି ଚୀନରୁ ଆମଦାନୀ ଉପରେ ୩୪ ପ୍ରତିଶତ ଏବଂ ୟୁରୋପୀୟ ସଂଘରୁ ଆମଦାନୀ ଉପରେ ୨୦ ପ୍ରତିଶତ ନୂଆ ଶୁଳ୍କ ଲାଗୁ କରିଛନ୍ତି । ଦୁହେଁ ଆମେରିକାର ପ୍ରମୁଖ ବାଣିଜ୍ୟ ସହଯୋଗୀ । ଏଥିସହିତ ସେ ଭାରତ ଉପରେ ୨୬ ପ୍ରତିଶତ ରିହାତି ଶୁଳ୍କ ଘୋଷଣା କରିଛନ୍ତି । ଯେଉଁ ସବୁ ଦେଶ ଉପରେ ଆମେରିକା ପ୍ରତିଶୋଧମୂଳକ ଶୁଳ୍କ ଲଗାଇଛି ତାହାର ତାଲିକା ୧୦%ରୁ ୪୯% ପର୍ଯ୍ୟନ୍ତ ରହିଛି । ଚୀନ୍ ଉପରେ ୩୪%, ୟୁରୋପୀୟ ସଂଘ ଉପରେ ୨୦%, ଦକ୍ଷିଣ କୋରିଆ ଉପରେ ୨୫%, ଜାପାନ ଉପରେ ୨୪%, ଭିଏତନାମ ଉପରେ ୪୬%, ତାଇୱାନ ଉପରେ ୩୨%, ଶ୍ରୀଲଙ୍କା ଉପରେ ୪୪% ଏବଂ ପାକିସ୍ତାନ ଉପରେ ୨୯% ରେସିପ୍ରୋକଲ ଟାରିଫ ନେଇ ଘୋଷଣା କରିଛନ୍ତି ଟ୍ରମ୍ପ । ଏହାକୁ ନେଇ ବିଶ୍ୱବ୍ୟାପି ଅସନ୍ତୋଷ ଦେଖାଦେଇଛି । ବିରୋଧ ପ୍ରଦର୍ଶନ ବି ହୋଇଛି ।



# ୱାକଫ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ୱାକଫ (ସଂଶୋଧନ) ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ୍ କରି ହୋଇଥିବା ପିଟିସନଗୁଡ଼ିକର ଶୁଣାଣି ପାଇଁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି । ଆସନ୍ତା ୧୬ ତାରିଖରେ ସର୍ବୋଚ୍ଚ ଅଦାଲତ ଏହାର ଶୁଣାଣି କରିବେ ବୋଲି କହିଛନ୍ତି । ବିଭିନ୍ନ ବିରୋଧୀ ଦଳ ଓ ସଙ୍ଗଠନ ପକ୍ଷରୁ ମୋଟ ୧୫ଟି ପିଟିସନ ଦାଖଲ ହୋଇଛି । ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଙ୍ଗଳବାର ଏହି ମାମଲାରେ ଏକ କ୍ୟାଭିଏଟ୍ ଦାଖଲ କରାଯାଇଛି । ୱାକଫ ଆଇନ ବିରୋଧରେ ହୋଇଥିବା ପିଟିସନଗୁଡ଼ିକର ଏକପାଖିଆ ଶୁଣାଣିକୁ ରୋକିବା ଉଦ୍ଦେଶ୍ୟରେ ଏହା ଦାଖଲ ହୋଇଛି। ଶୁଣାଣି ବେଳେ ଯେମିତି ସରକାରଙ୍କ ପକ୍ଷ ବି ଶୁଣାଯାଏ, ସେଥିଲାଗି କ୍ୟାଭିଏଟ୍ ଦିଆଯାଇଛି। ଏହା ଏକ ଆଇନଗତ ପ୍ରକ୍ରିୟା। ଏକପାଖିଆ ରାୟ ନ ଦେଇ ସୁପ୍ରିମକୋର୍ଟ କେନ୍ଦ୍ରକୁ ନୋଟିସ ଜାରି କରି ଏହାର ଜବାବ ମାଗିବେ । ଉଲ୍ଲେଖଯୋଗ୍ୟ, ୱାକଫ ସଂଶୋଧନ ଆଇନ ବିରୋଧରେ ପ୍ରାୟ ୧୫ଟି ପିଟିସନ ସୁପ୍ରିମକୋର୍ଟରେ ଦାଖଲ ହୋଇଛି । ବିଭିନ୍ନ ବିରୋଧୀ ଦଳ ନେତା, ଅଲ୍ ଇଣ୍ଡିଆ ମୁସ୍ଲିମ୍ ପର୍ସନାଲ ଲ' ବୋର୍ଡ ଏବଂ ଜମିୟତ ଉଲ୍ମା-ଏ-ହିନ୍ଦ୍ର ପିଟିସନ ଏଥିରେ ସାମିଲ ରହିଛି । ଏପ୍ରିଲ ୭ରେ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ତ୍ୱରିତ ଶୁଣାଣିକୁ ମନା କରିଦେଇଥିଲେ । ତେବେ ଏହାକୁ ତାଲିକାଭୁକ୍ତ ପାଇଁ ବିଚାର କରାଯିବ ବୋଲି ଆଶ୍ୱାସନା ଦେଇଥିଲେ । ସୁପ୍ରିମକୋର୍ଟରେ ଜମିୟତ ଉଲ୍ମା-ଏ-ହିନ୍ଦ୍ ପକ୍ଷରୁ ବରିଷ୍ଠ ଓକିଲ କପିଲ ସିବଲ୍ ହାଜର ହୋଇ ମାମଲାର ତତ୍କାଳ ଶୁଣାଣି ଲାଗି ତାଲିକାଭୁକ୍ତ ପାଇଁ ବିଚାର କରିବାକୁ ଅପିଲ୍ କରିଥିଲେ। କେନ୍ଦ୍ର ସରକାର ଆଣିଥିବା ନୂଆ ୱାକଫ ଆଇନ ସମଗ୍ର ଦେଶରେ କାର୍ଯ୍ୟକାରୀ ହୋଇଛି। କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ଆଇନର ଧାରା ୧ (୨) ଅନୁସାରେ ୮ ଏପ୍ରିଲ ୨୦୨୫କୁ ୱାକଫ ସଂଶୋଧନ ଆଇନ ୨୦୨୫ କାର୍ଯ୍ୟକାରୀ ତାରିଖ ଭାବେ ବିବେଚନା କରାଯିବ । ଗତ ଏପ୍ରିଲ ୪ ତାରିଖରେ ଏହି ଆଇନ ସଂସଦର ଅନୁମୋଦନ ଲାଭ କରିଥିଲା ବେଳେ ଏହାର ଦିନକ ପରେ ଅର୍ଥାତ ୫ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ମଞ୍ଜୁରି ଦେଇଥିଲେ । ଅନ୍ୟପକ୍ଷରେ ଏହି ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିସନ ଦାୟର କରାଯାଇଛି ।



# ୮୪% ଶୁଳ୍କ ଲଗାଇଲା ଚୀନ୍

**ବେଜିଂ,୧୦।୪(ଏଜେନ୍ସି):** ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଏକ ନୂତନ ମୋଡ଼ ନେଇଛି । ଡୋନାଲ୍ଡ ଟ୍ରମ୍ପଙ୍କ ୧୦୪ ପ୍ରତିଶତ ଶୁଳ୍କ ଲାଗୁର ଜବାବ ଦେଇ, ଚୀନ୍ ଏବେ ଆମେରିକୀୟ ସାମଗ୍ରୀ ଉପରେ ୮୪ ପ୍ରତିଶତ ଶୁଳ୍କ ଲାଗୁ କରିବାର ଘୋଷଣା କରିଛି । ଆମେରିକୀୟ ସାମଗ୍ରୀ ଉପରେ ୮୪ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିବାକୁ



ଘୋଷଣା କରି ବେଜିଂ ଆମେରିକା ବିରୁଦ୍ଧରେ ପ୍ରତିଶୋଧ ନେଇଛି। ଚୀନ୍ ଅର୍ଥ ମନ୍ତ୍ରଣାଳୟ କହିଛି ଯେ ଏହି ଅତିରିକ୍ତ ଶୁଳ୍କ ୧୦ ଏପ୍ରିଲରୁ ଆମେରିକୀୟ ସାମଗ୍ରୀ ଉପରେ ଲାଗୁ ହେବ । ପୂର୍ବରୁ ଚୀନ୍ ଆମେରିକୀୟ ସାମଗ୍ରୀ ଉପରେ ୩୪ ପ୍ରତିଶତ ଶୁଳ୍କ ଲଗାଇବା ବିଷୟରେ କଥା ହୋଇଥିଲା, କିନ୍ତୁ ଏବେ ଏହାକୁ ୮୪ ପ୍ରତିଶତକୁ ବୃଦ୍ଧି କରାଯାଇଛି । ଚୀନର ବାଣିଜ୍ୟ ମନ୍ତ୍ରଣାଳୟ ମଧ୍ୟ ୧୨ଟି ଆମେରିକୀୟ ପ୍ରତିଷ୍ଠାନକୁ ଏହାର ରପ୍ତାନି ନିୟନ୍ତ୍ରଣ ତାଲିକାରେ ରଖି ଆମେରିକାକୁ ଜବାବ ଦେଇଛି। ଏହା ସହିତ, ୬ଟି ଆମେରିକୀୟ କମ୍ପାନୀକୁ ଅବିଶ୍ୱସନୀୟ ସଂସ୍ଥା ତାଲିକାରେ ସାମିଲ କରାଯାଇଛି ।

# ରେପୋ ରେଟ୍ କମାଇଲା ଆରବିଆଇ

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ଉପଭୋକ୍ତାଙ୍କ ପାଇଁ ଖୁସି ଖବର । କମିଲା ରେପୋ ରେଟ୍ । ୦.୨୫% ରେପୋ ରେଟ୍ କମାଇଲା ଆରବିଆଇ । ୦.୨୫% ବେସିସ୍ ପଏଣ୍ଟ ହ୍ରାସ ହେବା ପରେ ରେପୋ ରେଟ୍ ୬% ରହିଛି । ଏଣିକି କମ୍ ସୁଧରେ ଗ୍ରାହକଙ୍କୁ ମିଳିବ ଋଣ। ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରା ନୀତି କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି । ରେପୋ ରେଟ୍ ହ୍ରାସ ନେଇ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ଘୋଷଣା କରିଛନ୍ତି । ଲଗାତାର ଦ୍ୱିତୀୟ ଥର ରେପୋ ରେଟ୍ ହ୍ରାସ କରିଛି ଆରବିଆଇ । ଆଜି ପୂର୍ବାହ୍ନ ୧୦ଟାରେ ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରା ନୀତି ବୈଠକ ବସିଥିଲା । ବିଜାର ବିଶେଷଜ୍ଞଙ୍କ ମତରେ କେନ୍ଦ୍ରୀୟ ବ୍ୟାଙ୍କ ସୁଧହାରରେ ଆହୁରି ୨୫ ବେସିସ୍ ପଏଣ୍ଟ ହ୍ରାସ କରିବାର ସମ୍ଭାବନା ରହିଥିଲା । ଯାହା ଅନୁମାନ କରାଯାଉଥିଲା ତାହା ହେଲା । ଏମପିସି ବୈଠକରେ ୦.୨୫% ରେପୋ ରେଟ୍ କମାଇବାକୁ ନିଷ୍ପତ୍ତି ହୋଇଛି । ବର୍ତ୍ତମାନ ୬% ବେସିସ୍ ପଏଣ୍ଟ ରହିଛି ରେପୋ ରେଟ୍ । ଏଣିକି କମ୍ ସୁଧରେ ଗ୍ରାହକଙ୍କୁ ଋଣ ମିଳିବ । ହୋମ୍ ଲୋନ୍, କାର୍ ଲୋନ୍ ଓ ପର୍ସନାଲ୍ ଲୋନର ଇଏମଆଇ ଶସ୍ତା ହେବ । ଗ୍ରାହକଙ୍କୁ କମ୍ ସୁଧ ଦେବାକୁ ପଡ଼ିବ। ସେହିପରି GDP ବୃଦ୍ଧି ନେଇ ଆରବିଆଇ ଗଭର୍ଣ୍ଣର କହିଛନ୍ତି, ଆର୍ଥିକ ବର୍ଷ ୨୦୧୫-୨୬ରେ ଜିଡିପି ଗ୍ରୋଥ ରେଟ୍ କମ୍ କରି ୬.୫ ପ୍ରତିଶତ କରାଯାଇଛି । ପୂର୍ବରୁ ୬.୭୦ % କରାଯାଇଥିଲା । ୫ ବର୍ଷ ପରେ ଭେଟି ପରେ ଭେଟି- ଏହା ପୂର୍ବରୁ ଗତ ଫେବୃଆରୀରେ ଏମପିସି ବୈଠକରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ବଡ଼ ନିଷ୍ପତ୍ତି ନେଇ ୫ ବର୍ଷ ପରେ ରେପୋ ରେଟ୍ ହ୍ରାସ୍ କରିଥିଲା । ୨୫ ବେସିସ୍ ପଏଣ୍ଟ କମାଇଥିଲା । ଏହାପରେ ରେପୋ ରେଟ୍ କମ ହୋଇ ୬.୨୫% ହୋଇଥିଲା । ଏହାପୂର୍ବରୁ ଆରିବିଆଇ ୨୦୨୦ରେ ରେପୋ ରେଟ୍ ହ୍ରାସ କରିଥିଲା । ଏହାପରେ ରେପୋ ରେଟ୍ ଧିରେ ଧିରେ ବଢି ୬.୫ ପ୍ରତିଶତ ହୋଇଥିଲା । ଶେଷଥର ପାଇଁ ୨୦୨୩ ଫେବୃଆରୀରେ ରେପୋ ରେଟ୍ ବଢ଼ିଥିଲା । ଯେଉଁ ସୁଧହାରରେ ବ୍ୟାଙ୍କକୁ ଆରବିଆଇ ଋଣ ଦେଇଥାଏ ତାହାକୁ ରେପୋ ରେଟ୍ କୁହାଯାଏ । ଯେତେବେଳେ ରେପୋ ରେଟ୍ ହ୍ରାସ ହୁଏ ବ୍ୟାଙ୍କଗୁଡିକୁ ଶସ୍ତାରେ ଫଣ୍ଡ ମିଳେ । ଫଳରେ ବ୍ୟାଙ୍କଗୁଡିକ ସେମାନଙ୍କ ଗ୍ରାହକଙ୍କୁ ଶସ୍ତାରେ ଋଣ ପ୍ରଦାନ କରିଥାନ୍ତି ।



# ସାଉଦି ଅରବ ଗସ୍ତରେ ଯିବେ ମୋଦି

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅପ୍ରେଲ ତୃତୀୟ ସପ୍ତାହରେ ସାଉଦି ଅରବ ଗସ୍ତରେ ଯିବେ। ଏବେ ତାରିଖ ଉପରେ ଅନ୍ତିମ ନିଷ୍ପତ୍ତି ନେବା ବାକି ରହିଛି। ତାଙ୍କର ଏହି ଗସ୍ତ ଦୁଇ ଦିନର ରହିଛି। ଯେଉଁଥିରେ ସେ ସାଉଦି ଆରବର ନେତାଙ୍କ ସହ ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି ଓ ପ୍ରତିରକ୍ଷା ସମ୍ପର୍କକୁ ନେଇ ଆଲୋଚନା କରିବେ । ଏହାଛଡା ଏକ ବଡ଼ ଏଜେଣ୍ଡା ଆଇଏମ୍ଇସି ଅର୍ଥାତ ଇଣ୍ଡିଆ ମିଡିଲ ଇଷ୍ଟ ୟୁରୋପ ଇକୋନୋମିକ୍ କରିଡର ମଧ ରହିବ । ଏହା ଉପରେ ଜି-୨୦ ସମିଟ୍ ବେଳେ ସହମତି ମିଳିଥିଲା । ଏବେ ଏହି ପ୍ରୋଜେକ୍ଟକୁ ଦ୍ରୁତ ଗତିରେ ନେବା ପାଇଁ ପିଏମ୍ ମୋଦି ସାଉଦି ଅରବର ନେତାଙ୍କ ସହ କଥା ହେବେ। ଭାରତରୁ ୟୁରୋପ ପର୍ଯ୍ୟନ୍ତ ତିଆରି ହେବାକୁ ଥିବା ରାସ୍ତାରେ ସାଉଦି ଆରବ ମଧ ଗରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ଯାହାକି ଦୁନିଆର ସବୁଠାରୁ ଶକ୍ତିଶାଳି ଇସଲାମିକ୍ ଦେଶ । ୪ ବର୍ଷର ବ୍ୟବଧାନ ପରେ ପିଏମ୍ ମୋଦି ସାଉଦି ଗସ୍ତରେ ଯିବେ । ଦିଲ୍ଲୀରେ ୨୦୨୩ ରେ ଜି-୨୦ ସମିଟର ଆୟୋଜନ ହୋଇଥିଲା। ଏହି ସମୟରେ ଆଇଏମ୍ଇସିକୁ ନେଇ ସହମତି ହୋଇଥିଲା । ଏହି କରିଡର ଭାରତ ପାଇଁ ଭୂ-ରାଜନେତିକ ଓ ଆର୍ଥିକ ଭାବରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ପ୍ରୋଜେକ୍ଟ ଅନୁସାରେ, ଭାରତରୁ ମିଡିଲ ଇଷ୍ଟ ଦେଇ ୟୁରୋପ ପର୍ଯ୍ୟନ୍ତ ଯେଉଁ କରିଡର ଯିବ, ସେଥିରେ ରେଳ, ରୋଡ ନେଟୱର୍କ ସାମିଲ ହେବ । ଏହାଛଡା ସଡକ ପରିବହନ ମଧ ସାମିଲ ରହିବ । ପ୍ରଥମ ପର୍ଯ୍ୟାୟରେ ଏହା ଭାରତରୁ ମଧ ପୂର୍ବ ପର୍ଯ୍ୟନ୍ତ ରହିବ । ଏହାଛଡା ଅନ୍ୟ ଭାଗ ମଧ ପୂର୍ବରୁ ୟୁରୋପ ଭିତରେ ହେବ । ପ୍ରଥମ ପାର୍ଟକୁ ପୂର୍ବ କରିଡର କୁହାଯାଏ, ଯାହାକି ଭାରତର ମୁମ୍ବାଇ ବାଟ ଦେଇ ମିଡିଲ ଇଷ୍ଟ ପର୍ଯ୍ୟନ୍ତ ଯିବ। ଏହାପରେ ମିଡିଲ ଇଷ୍ଟରୁ ସାଉଦି ଆରବ ପର୍ଯ୍ୟନ୍ତ ରାସ୍ତାକୁ ନର୍ଦ୍ଦର୍ଣ୍ଣ କରିଡର କୁହାଯିବ ।



# ପୁଣି ଯୁଦ୍ଧ ଲଢ଼ିବାକୁ ପାକିସ୍ତାନର ଷଡ଼ଯନ୍ତ୍ର

**ଇସଲାମାବାଦ,୧୦।୪(ଏଜେନ୍ସି):** ପାକିସ୍ତାନ ପୁଣି ଥରେ ଏକ ଘୃଣ୍ୟ ଷଡ଼ଯନ୍ତ୍ରରେ ଲିପ୍ତ ହୋଇଛି। ଏଥର ଭାରତୀୟ ନିୟନ୍ତ୍ରଣ ରେଖାରୁ ମାତ୍ର ୧୩୦ କିଲୋମିଟର ଦୂରରେ ଥିବା ଏକ ବେସାମରିକ ବିମାନ ଷ୍ଟ୍ରିପକୁ ଏକ ସାମରିକ ଘାଟିରେ ପରିଣତ କରିଛି । ଏହି ଏୟାରଷ୍ଟ୍ରିପକୁ ମଧ ଗୁପ୍ତ ଭାବରେ ପୁନଃନିର୍ମାଣ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ସେଠାରେ ବଡ଼ ବିମାନ ଅବତରଣ କରିବା । ଏପରି ପରିସ୍ଥିତିରେ ପ୍ରଶ୍ନ ଉଠୁଛି ଯେ, ପାକିସ୍ତାନ ଭାରତ ସହିତ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି କି ?ପାକିସ୍ତାନର ସ୍ୱିଜରଲ୍ୟାଣ୍ଡ ଭାବରେ ପରିଚିତ ଅଞ୍ଚଳ, ଅର୍ଥାତ ସ୍ୱାତ ଉପତ୍ୟକା ଅଞ୍ଚଳରେ ପାକିସ୍ତାନ ନିଜର ନୂଆ ଷଡ଼ଯନ୍ତ୍ର ରଚିଛି । ଏହା ଅନ୍ତର୍ଗତ ସେଡୁ ସରିଫରେ ଅବସ୍ଥିତ ଏକ ସ୍ଥାନୀୟ ଏୟାରଷ୍ଟ୍ରିପକୁ ଏକ ସାମରିକ ବିମାନବନ୍ଦରରେ ପରିଣତ କରିବା ଆରମ୍ଭ କରିଛି । ଏହି ରନୱେରେ ୨୦୦୪ ରୁ ୨୦୨୧ ପର୍ଯ୍ୟନ୍ତ ସ୍ଥାନୀୟ ବାଣିଜ୍ୟିକ ବିମାନ ଚଳାଚଳ କରୁଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ବିମାନ ଚଳାଚଳ ବନ୍ଦ କରିଦିଆଯାଇଥିଲା। ଏହା ପରେ, ବଡ଼ ବିମାନ ଅବତରଣ କରିବା ପାଇଁ ଗୁପ୍ତ ଭାବରେ ରନୱେ ପୁନଃନିର୍ମାଣ କରାଯାଇଥିଲା ଏବଂ ରନୱେକୁ ପ୍ରାୟ ୧ କିଲୋମିଟର ବଢ଼ାଯାଇଥିଲା । ଏହି ଏୟାରଷ୍ଟ୍ରିପ୍ ବିଷୟରେ କୁହାଯାଉଛି ଯେ, ରନୱେକୁ ଗୋଟିଏ କିଲୋମିଟର ବଢାଇବା ପରେ ଏବେ ପାକିସ୍ତାନ ସେନାର ବଡ଼ ବିମାନ ସେଠାରେ ଅବତରଣ କରିପାରିବ । ଏଥିରେ ପାକିସ୍ତାନ ବାୟୁସେନାର ସି-୧୩୦ ପରିବହନ ବିମାନ ମଧ ଅନ୍ତର୍ଭୁକ୍ତ । ଯାହା ବହୁ ପରିମାଣର ଯୁଦ୍ଧ ସାମଗ୍ରୀ ଏବଂ ସୈନ୍ୟଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବହନ କରିପାରିବ ଫଏହି ଏୟାରଷ୍ଟ୍ରିପକୁ ଏକ ସାମରିକ ବିମାନବନ୍ଦରରେ ପରିଣତ କରିବାର ଗୁରୁତ୍ୱ ଏହି କଥାରୁ ବୁଝାପଡୁଛି ଯେ, ଏହି ସ୍ଥାନଟି ଭାରତ-ପାକିସ୍ତାନ ନିୟନ୍ତ୍ରଣ ରେଖାରୁ ମାତ୍ର ୧୩୦ କିଲୋମିଟର ଦୂରରେ ଅବସ୍ଥିତ । ଏହା ଭାରତର କଶ୍ମୀରର ରାଜଧାନୀ ଶ୍ରୀନଗରରୁ ମାତ୍ର ୨୩୦ କିଲୋମିଟର ଦୂରରେ ଅବସ୍ଥିତ । ଏହା ସେହି ସ୍ଥାନ ଯାହା ଥରେ ଆତଙ୍କବାଦୀ ସଂଗଠନ ତାଲିବାନର ନିୟନ୍ତ୍ରଣରେ ଥିଲା। ୨୦୦୯ ରୁ ୨୦୧୨ ପର୍ଯ୍ୟନ୍ତ, ତାଲିବାନ ଏଠାରେ ମହିଳାଙ୍କ ଶିକ୍ଷା ନିଷେଧ କରିଥିଲା । ଏଠାରେ ସାର୍ବଜନୀନ ସ୍ଥଳରେ ଫାଶୀ ଦେବା ମଧ ଏକ ସାଧାରଣ କାର୍ଯ୍ୟ ଥିଲା।

# ୨୦୨୫ ହେବ ସବୁଠୁ ଉତ୍ତପ୍ତ ବର୍ଷ !

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ଆକାଶରୁ ବର୍ଷୁଛି ନିଆଁ ହୁଳା । ଦିନ ୧୧ଟା ବେଳୁ ଏତେ ଖରା ହେଉଛି ଯେ ମଣିଷ ସହିପାରୁନି । ଅସହ୍ୟ ତାତି ଆଉ ଟାଇଁ ଟାଇଁ ଖରା ଭିତରେ ସୂର୍ଯ୍ୟ ଟିକେ ମୁଣ୍ଡ ଉପରକୁ ଗଲାବେଳକୁ ମାନେ ଦିନ ୧୨ଟା କିମ୍ବା ଗୋଟାଏ ବେଳକୁ ଅବସ୍ଥା ପୂରା ସାଙ୍ଘାତିକ । ତତଲା ତାୱାରେ ଫୁଟୁଛି ଗାଁ ଓ ସହର । କୁହାଯାଉଛି ଗ୍ରୀଷ୍ମ ଋତୁରେ ଏଥର ରେକର୍ଡ ଭାଙ୍ଗିବ ତାତି । କାରଣ ଏପ୍ରିଲ ପହିଲାରୁ ଯଦି ମେ' ମାସ ଭଳି ଖରା ହେଲାଣି ତାହାଲେ ମେ' ମାସ ବେଳକୁ ଖରା କେମିତି ହେଉଥିବ ତାହାର ଅନୁମାନ କରନ୍ତୁ । ଉତ୍ତର ଏବଂ ପଶ୍ଚିମ ଭାରତରେ ତାତି ପାଇଁ ତ୍ରାହି ତ୍ରାହି ଡାକୁଛନ୍ତି ଲୋକେ । ଏବେଠୁ ଏତିକି ହେଲାଣି ଆଗକୁ କେତେ ହେବ ସେନେଇ ପାଣିପାଗ ବିଜ୍ଞାନୀମାନେ ଆକଳନ କରୁଥିବା ବେଳେ ୧୯୦୧ ମସିହା ପରେ ୨୦୨୪ ଥିଲା ସବୁଠୁ ଉତ୍ତପ୍ତ ମସିହା । ମାତ୍ର ୨୦୨୪ ଅପେକ୍ଷା ୨୦୨୫ ତାତିର ସବୁ ରେକର୍ଡ କାଟି ତତଲା ବର୍ଷ ବା ଉତ୍ତପ୍ତ ମସିହା ହେବ ବୋଲି ଆକଳନ କରାଯାଉଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ଗରମ ଗୁଳୁଗୁଳି ଏବଂ ଗ୍ରୀଷ୍ମ ପ୍ରବାହ ପାଇଁ ବାହାରକୁ ଯିବା ମୁସ୍କିଲ ହୋଇପଡୁଥିବା ବେଳେ ସତର୍କ ସୂଚନା ଜାରି କରୁଛନ୍ତି ପାଣିପାଗୀ ବିଜ୍ଞାନୀମାନେ । ଏପ୍ରିଲରେ ମୁଣ୍ଡଫଟା ଖରା ଦେଖି ଆଗାମୀ ମାସର ଖରା ଏବଂ ଗ୍ରୀଷ୍ମ ପ୍ରବାହକୁ ଏବେଠୁ ଆକଳନ କରାଗଲାଣି ।

# ୪ ଆତଙ୍କବାଦୀଙ୍କୁ ଆଜୀବନ ଜେଲ୍

**ଜୟପୁର,୧୦।୪(ଏଜେନ୍ସି):** ଜୟପୁର ସିରିଏଲ ବିସ୍ଫୋରଣ ମାମଲାରେ ଚାରି ଜଣ ଆତଙ୍କବାଦୀଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଛି । ଜୟପୁରର ସ୍ୱତନ୍ତ୍ର କୋର୍ଟ ସୈଫୁରରହମାନ, ମହମ୍ମଦ ସୈଫ, ମହମ୍ମଦ ସରୱାର ଆଜମୀ ଏବଂ ଶାହବାଜ ଅହମ୍ମଦକୁ ଦୋଷୀ ସାବ୍ୟସ୍ତ କରି ମଙ୍ଗଳବାର (୮ ଏପ୍ରିଲ) ଦିନ ଏହି ଦଣ୍ଡ ଘୋଷଣା କରିଥିଲେ । କୋର୍ଟ ୬୦୦ ପୃଷ୍ଠାରେ ତାଙ୍କର ରାୟ ପ୍ରଦାନ କରିଛନ୍ତି । ୧୩ ମଇ ୨୦୦୮ରେ ଜୟପୁରରେ ଏକ ସିରିଜ ବିସ୍ଫୋରଣ ଘଟଣା ଘଟିଥିଲା । ଜୟପୁରରେ ଗୋଟିଏ ପରେ ଗୋଟିଏ ଆଠଟି ବୋମା ବିସ୍ଫୋରଣ ଘଟିଥିଲା । ତେବେ ଚାନ୍ଦପୋଲ ବଜାରର ଏକ ମନ୍ଦିର ନିକଟରେ ଏକ ଅଫୁଟା ବୋମା ମିଳିଥିଲା ଯାହାକୁ ପରେ ନିଷ୍କ୍ରିୟ କରାଯାଇଥିଲା । ସମଗ୍ର ଦେଶକୁ ଥରାଇ ଦେଇଥିବା ଏହି ସିରିଏଲ ବିସ୍ଫୋରଣରେ ୭୧ ଜଣ ପ୍ରାଣ ହରାଇଥିଲେ ଓ ୧୮୫ ଜଣ ଆହତ ହୋଇଥିଲେ । ଜୟପୁର ବୋମା ବିସ୍ଫୋରଣ ସହିତ ଜଡିତ ଆଠଟି ଭିନ୍ନ ଭିନ୍ନ ମାମଲାରେ ଏହି ଚାରି ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ପରେ, ରାଜସ୍ଥାନ ହାଇକୋର୍ଟ ମାର୍ଚ୍ଚ ୨୦୨୩ ରେ ସମସ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ତେବେ ଉକ୍ତ ଅଫୁଟା ବୋମା ସେମାନଙ୍କୁ ପୁଣି ଜେଲ ଭିତରକୁ ଆଣିବାକୁ ସକ୍ଷମ ହୋଇଛି । ୧୭ ବର୍ଷ ପୁରୁଣା ଏହି ମାମଲାରେ, ସରକାରୀ ଓକିଲ ୧୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ ଏବଂ ପ୍ରାୟ ୧୨୦୦ ଦସ୍ତାବିଜ କୋର୍ଟରେ ଉପସ୍ଥାପନ କରିଥିଲେ ।

# ସାମସଙ୍ଗ ଭାରତରେ ଏସି ସେଗମେଂଟର ଶିଳ୍ପ ଅଭିବୃଦ୍ଧି ହାରକୁ ଦ୍ରୁତତର କରିପାରିଛି

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ଆଜି ମତବ୍ୟକ୍ତ କରି କହିଛି ଯେ, ଏୟାର କଣ୍ଡିସନ ବିକ୍ରୟ କ୍ଷେତ୍ରରେ ଜାନୁୟାରୀ - ମାର୍ଚ୍ଚ ୨୦୨୫ ମଧ୍ୟରେ ଏହାର ବିକ୍ରୟ ଦୁଇଗୁଣକୁ ବୃଦ୍ଧି ପାଇବା ସହିତ ଶିଳ୍ପ ଅଭିବୃଦ୍ଧି ହାର ଦ୍ରୁତ ଭାବରେ ୨୦-୨୫ ପ୍ରତିଶତ ବୃଦ୍ଧି ପାଇଛି। ଏଭଳି ଶିଳ୍ପ ଅଗ୍ରଣୀ ବୃଦ୍ଧି ସାମସଙ୍ଗକୁ ଏହାର ମାର୍କେଟ ସେୟାରରେ ଭାରତୀୟ କ୍ୟାଲେଣ୍ଡର ଅନୁଯାୟୀ ପ୍ରଥମ ତ୍ରୈମାସିକରେ ୧୦ ପ୍ରତିଶତ ଅଭିବୃଦ୍ଧିରେ ସାହାଯ୍ୟ କରିଛି।

'ଆମର ଏହି ଏସି ବ୍ୟବସାୟ ଏକ ବିଶାଳ ପରିସର ମଧ୍ୟରେ ବୃଦ୍ଧି ପାଇଛି। ମାର୍ଚ୍ଚ ମାସର ତ୍ରୈମାସିକରେ ଆମେ ଦୁଇଗୁଣା ବୃଦ୍ଧି ପାଇଛି ଯାହାକି ବଜାରରେ ଆମକୁ ୧୦ ପ୍ରତିଶତ ସାହାଯ୍ୟ କରିଛି ଯାହା ଆମର ନିଜସ୍ୱ ଆକଳନ ଆଧାରିତ ଅଟେ। ଆମେ ଦୃଢ଼ ନିଶ୍ଚିତ ଯେ ଏହି ବ୍ୟବସାୟରେ ଆମେ ଆଗକୁ ଆହୁରି ଅଧିକ ବଢ଼ିବା ସହିତ ଏକ ଉତ୍କୃଷ୍ଟ ବଜାର ସେୟାରରେ ନିଜର ଅଭିବୃଦ୍ଧିକୁ ଆହୁରି ବ୍ୟାପକ କରିପାରିବୁ' ମତବ୍ୟକ୍ତ କରି କହିଛନ୍ତି, ଘୁଫରାନ ଆଲାମ, ଉପାଧ୍ୟକ୍ଷ, ସାମସଙ୍ଗ ଡ଼ିଜିଟାଲ ଆପ୍ଲାଇନ୍ସେସ ବିଜିନେସ।

ଚ୍ୟାନେଲ ଏବଂ ଆଂଚ୍ଳିକ ବୃଦ୍ଧିର ବ୍ୟାପକତା ଆଧାରରେ ସାମସଙ୍ଗ ଏହାର ବ୍ୟବସାୟକୁ ବୃଦ୍ଧି କରିବା ସହିତ ଏକ ଅସ୍ପଷ୍ଟ ରୋଜଗାର ତଥା ବୃଦ୍ଧିପ୍ରାପ୍ତ ଆଶାୟୀ, ବୈଦ୍ୟୁତିକ କରଣର ବୃଦ୍ଧି ତଥା ଛୋଟ ସହର ଏବଂ ଗ୍ରାମାଂଚ୍ଳରେ ଏସବୁକୁ ବୃଦ୍ଧି କରିବାରେ ଆଶାବାଦୀ ଅଛି। ୪୦ ପ୍ରତିଶତର ବିତରଣ ପ୍ରକ୍ରିୟାର ବୃଦ୍ଧି ସହିତ ସହଯୋଗୀ ତଥା ଅଗ୍ରଣୀ ଆର୍ଥିକ ପ୍ରତିଷ୍ଠାନ ସହିତ ଯୋଡ଼ି ହୋଇ ଶୂନ୍ୟ ଇଏମଆଇ ମୂଲ୍ୟ ଯୋଗାଇ ଏହା ଘରେ ବ୍ୟବହୃତ ଏୟାର କଣ୍ଡିସନର ବିକ୍ରୟର ଆଶାକୁ ଆହୁରି ବୃଦ୍ଧି କରିଛି।

'ଉତ୍କୃଷ୍ଟମାନର ଶୀତଳିକରଣ ଉପରେ ଦୃଷ୍ଟି ଦେଇ ଶକ୍ତି ସଂରକ୍ଷଣ, ସ୍ଥାୟିତ୍ୱ ତଥା ଭବିଷ୍ୟତର ପ୍ରସ୍ତୁତିକରଣକୁ ଅଗ୍ରାଧିକାର ଦେଇ ଆମେ ଚଳିତ ବର୍ଷ ୧୯ଟି ନୂତନ ମଡ଼େଲର ଶୁଭାରମ୍ଭ କରିଛୁ। ଆମର ନୂତନ ବେସପୋକ୍ ଏଆଇ ଯୁକ୍ତ ୱିଣ୍ଡଫ୍ରି ଏସି ଗ୍ରାହକମାନଙ୍କର ଧାରା ତଥା ଆଚରଣକୁ ଦୃଷ୍ଟିରେ ରଖି ଘରେ ଶୋଇବା ସମୟରେ ହେଉ କିମ୍ବା ଗ୍ରୀଷ୍ମର ପ୍ରଭାବରୁ ମୁକ୍ତି ପାଇବା ପାଇଁ ହେଉ ଘରକୁ ଫେରି ଏସିର ଭରପୁର ଆନନ୍ଦର ଶିକ୍ଷା ନେଇଛି'। ଏଭଳି ଏକ ଧାରାକୁ ଆଧାର କରି ଏସିର ବ୍ୟବହାର ନିଜସ୍ୱ ଭାବରେ ସେମାନଙ୍କ ବ୍ୟବହାରକୁ ନେଇ ଅନୁକୂଳିତ ଆରାମଦାୟକତା ପ୍ରଦାନ କରିବା ଦିଗରେ ସବୁ ପ୍ରକାର ଉଦ୍ୟମ ଜାରି ରଖିଛି' ପୁଣି ଥରେ ନିଜ ମତରଖି ଘୁଫରାନ ଆଲାମ, ଉପାଧ୍ୟକ୍ଷ, ସାମସଙ୍ଗ ଡ଼ିଜିଟାଲ ଆପ୍ଲାଇନ୍ସେସ ବିଜିନେସ ଏହା ପ୍ରକାଶ କରିଛନ୍ତି। ବେସପୋକ ଏଆଇ ପରିଚାଳିତ ୱିଣ୍ଡଫ୍ରି ଏସି ଏଆଇ ଶକ୍ତି ମୋଡ଼କୁ ନେଇ ଏହାର ସମସ୍ତ ପ୍ରକାର ବୁଦ୍ଧିମତାକୁ ବ୍ୟବସ୍ଥିତ କରିବା ସହିତ ୩୦ ପ୍ରତିଶତ ଶକ୍ତି ସଂରକ୍ଷଣରେ ସାହାଯ୍ୟ କରିପାରିଛି। ଏଭଳି ଏକ ଚ଼ି'। ଧାରା ସର୍ବୋଚ୍ଚ ଏସି କ୍ରୟ କ୍ଷେତ୍ରରେ ସାମସଙ୍ଗକୁ ଗ୍ରାହକମାନଙ୍କ ନିକଟରେ ସବୁଠାରୁ ଅଧିକ ଆଦୃତ କରିବା ସହିତ ଆରାମଦାୟକତାକୁ ନେଇ ସବୁ ପ୍ରକାର ଚାହିଦା ଆହୁରି ଅଧିକା ମାତ୍ରାରେ ପ୍ରସାରିତ କରିପାରିଛି ଏଭଳି ଏକ ଶକ୍ତି ସଂରକ୍ଷଣକାରୀ ଗୃହପୋକରଣ ମାଧ୍ୟମରେ।

### ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିଅନସିପ

# ସିଆଇଏସଏଫ, ଏସଏସବି, ସିଆରପିଏଫ ଓ ମଣିପୁର ବିଜୟୀ

ଭୁବନେଶ୍ୱପର,୧୦।୪: କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିଅନସିପର ଚତୁର୍ଥ ଦିନରେ ୭ଟି ମ୍ୟାଚ ଖେଳାଯାଇଛି।

ଗୁରୁବାର ପ୍ରଥମ ମ୍ୟାଚ ସିଆଇଏସଏଫ ଓ ଏସଏସବି ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ସିଆଇଏସଏଫ, ଏସଏସବି ଦଳକୁ ୩-୨ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ ଏସଏସବି ଓ କେରଳ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଏସଏସବି, କେରଳ ପୋଲିସ ଦଳକୁ ୬-୦ ଗୋଲ ବ୍ୟବଧାନରେ ହରାଇଛି।

ସେହିପରି ସିଆରପିଏଫ ଓ ତାମିଲନାଡୁ ପୋଲିସ ମଧ୍ୟରେ ତୃତୀୟ ମ୍ୟାଚ ଖେଳାଯାଇଥିଲା। ଏହି ମ୍ୟାଚରେ ସିଆରପିଏଫ, ତାମିଲନାଡୁ ପୋଲିସ ଦଳକୁ ୫-୨ ଗୋଲ ବ୍ୟବଧାନରେ ହରାଇଛି। ଚତୁର୍ଥ ମ୍ୟାଚ ପଶ୍ଚିମବଙ୍ଗ ଓ ମଣିପୁର ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ମଣିପୁର ପଶ୍ଚିମବଙ୍ଗ ପୋଲିସ ଦଳକୁ ୪-୨ ଗୋଲ ବ୍ୟବଧାନରେ ପରାସ୍ତ କରିଛି।

ପ□ମ ମ୍ୟାଚ ମହିଳା ବିଭାଗରେ ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ର ମହିଳା ପୋଲିସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏହି ମ୍ୟାଚରେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ପୋଲିସ ଦଳକୁ ୩ - ୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି।

ସେହିପରି ତ୍ରିପୁରା ଓ ପଞ୍ଜାବ ପୋଲିସ ଦଳ ମଧ୍ୟରେ ଷଷ୍ଠ ମ୍ୟାଚ ଖେଳା ଯାଇଥିଲା ଏହି ମ୍ୟାଚରେ ପଞ୍ଜାବ , ତ୍ରିପୁରା ପୋଲିସ ଦଳକୁ ୮ - ୦ ଗୋଲରେ ପରାସ୍ତ କରିଛି।

ସପ୍ତମ ତଥା ଆଜିର ଶେଷ ମ୍ୟାଚ ଆଇଟିବିପି ଓ ଚଣ୍ଡିଗଡ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଆଇଟିବିପି, ଚଣ୍ଡିଗଡ ପୋଲିସ ଦଳକୁ ୪-୧ ଗୋଲରେ ପରାସ୍ତ କରିଥିଲା।

ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, କେନ୍ଦ୍ରା□ଳ ରାଜସ୍ୱ କମିଶନର ବି. ପରମେଶ୍ୱରନ, ଖେଳ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନିର୍ଦ୍ଦେଶକ, ବିପିଏସପିଏ), ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ଦୟାଲ ଗଙ୍ଗୱାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ, ଡିଆଇଜି (କ୍ରାଇମବ୍ରା□) ବାତୁଳା ଗଙ୍ଗାଧର, ରେଳବାଇ ଏସପି ଶ୍ରୀ ବିବେକାନନ୍ଦ ଶର୍ମା ପ୍ରମୁଖ ବିଭିନ୍ନ ମ୍ୟାଚ ଗୁଡିକରେ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।





### ଆଜିର ମ୍ୟାଚ୍

ଚେନ୍ନାଇ ସୁପର କିଙ୍ଗ୍ସ
ବନାମ
କୋଲକାତା ନାଇଟ୍ ରାଇଡର୍ସ

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ | ୦୪ | ୦୪ | ୦୦ | ୦୮ |
| ଗୁଜରାଟ ଟାଇଟନ୍ସ | ୦୪ | ୦୩ | ୦୧ | ୦୬ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୫ | ୦୩ | ୦୨ | ୦୬ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୦୫ | ୦୩ | ୦୨ | ୦୬ |
| ପଞ୍ଜାବ କିଙ୍ଗ୍ସ | ୦୩ | ୦୨ | ୦୧ | ୦୪ |
| କୋଲକାତା ନାଇଟ୍ ରାଇଡର୍ସ | ୦୫ | ୦୨ | ୦୩ | ୦୪ |
| ରାଜସ୍ଥାନ ରୟାଲ୍ସ | ୦୪ | ୦୨ | ୦୨ | ୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୫ | ୦୧ | ୦୪ | ୦୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୦୪ | ୦୧ | ୦୩ | ୦୨ |
| ସନରାଇଜର୍ସ ହାଇଦ୍ରାବାଦ | ୦୫ | ୦୧ | ୦୪ | ୦୨ |

# ଗୁଜରାଟର ଚତୁର୍ଥ ବିଜୟ

ଅହମଦାବାଦ,୧୦।୩: ଚଳିତ ଆଇପିଏଲ୍‌ର ୨୩ତମ ମ୍ୟାଚ୍‌ରେ ବୁଧବାର ଗୁଜରାଟ ଟାଇଟନ୍ସ ୫୮ ରନ୍‌ରେ ରାଜସ୍ଥାନ ରୟାଲ୍‌ସକୁ ପରାସ୍ତ କରିଛି। ଗୁଜରାଟ ୨୧୮ ରନ୍‌ର ବିଜୟ ଲକ୍ଷ୍ୟ ଦେବା ପରେ ରାଜସ୍ଥାନ ୪ ବଲ୍ ପୂର୍ବରୁ ୧୫୯ ରନ୍‌ରେ ଅଲଆଉଟ୍ ହୋଇ ଶୋଚନୀୟ ପରାଜୟ ବରଣ କରିଛି। ଗୁଜରାଟ ପ□ମ ମୁକାବିଲାରୁ ଚତୁର୍ଥ ବିଜୟ ହାସଲ କରି ପଏଣ୍ଟ ତାଲିକାର ପ୍ରଥମକୁ ଉଠିଛି। ଅନ୍ୟପକ୍ଷରେ ପ□ମ ମ୍ୟାଚ୍‌ରୁ ତୃତୀୟ ପରାଜୟ ବରଣ କରି ସପ୍ତମ ସ୍ଥାନରେ ରହିଛି।

ଦଳ ପକ୍ଷରୁ ସିମରନ ହେଟମେୟର ୫୨ ରନ କରିଥିବାବେଳେ ସଂଜୁ ସାମସନ ୪୧ ରନ ଓ ରିୟାନ ପରାଗ ୨୬ ରନ କରିଥିଲେ। କିନ୍ତୁ ଦଳର ଅନ୍ୟ ବ୍ୟାଟ୍ସମ୍ୟାନମାନେ ବିଶେଷ ଯୋଗଦାନ ଦେଇପାରିନଥିଲେ।

ରାଜସ୍ଥାନ ରୟାଲ୍‌ସ ଟସ୍ ଜିତି ଗୁଜରାଟକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ହେଲେ ଏହି ନିଷ୍ପତ୍ତି ପ୍ରଥମ ବିଜେତା ଦଳକୁ ସେତେଟା ଫାଇଦା ଦେଇ ନଥିଲା ବରଂ ଅଧିନାୟକ ଶୁବମନ ଗିଲ୍ (୨)ଙ୍କୁ ମାତ୍ର ୧୪ ରନ୍‌ରେ ହରାଇବା ସତ୍ତ୍ୱେ ଗୁଜରାଟ ୬ ୱିକେଟ୍ ହରାଇ ୨୧୭ ରନ୍‌ର ବଡ଼ ସ୍କୋର୍ କରି ନେଇଥିଲା। ଏଥିରେ ଓପନର୍ ସାଇ ସୁଦର୍ଶନ (୮୨) ପ୍ରମୁଖ ଭୂମିକା ତୁଲାଇଥିଲେ ବିସ୍ଫୋରକ ବ୍ୟାଟିଂ କରି ସୁଦର୍ଶନ ମାତ୍ର ୩୨ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ସ୍ମରଣୀୟ ଶତକର ୧୮ ରନ୍ ପୂର୍ବରୁ ତୁଷାର ଦେଶପାଣ୍ଡେ ତାଙ୍କୁ ଶିକାର କରି ନେଇଥିଲେ ମଝି ଓଭରଗୁଡ଼ିକରେ ଜୋସ୍ ବଟଲର୍ (୩୬) ଓ ଶାହରୁଖ ଖାନ୍ (୩୬) ଉପଯୋଗୀ ପାଳି ଖେଳିଥିଲେ।ତେବେ ରାହୁଲ ତିୱତିଆ (୨୪ ରନ୍, ୧୨ ବଲ୍) ଓ ରସିଦ ଖାନ (୧୨ଅପରାଜିତ ରନ୍, ୪ ବଲ୍)ଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଗୁଜରାଟ ୨୦୦ ରନ୍ ଟପିଥିଲା ଏହି ଦୁଇ ଜଣ ମାତ୍ର ୧୬ ବଲ୍‌ରୁ ୩୬ ରନ୍ ଯୋଡ଼ିଥିଲେ।

ସଂକ୍ଷିପ୍ତ ସ୍କୋର୍: ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୧୭/୬ (ସାଇ ସୁଦର୍ଶନ ୮୨, ଜୋସ୍ ବଟଲର୍ ୩୬, ଶାହରୁଖ ଖାନ୍ ୩୬, ରାହୁଲ ତିତିଅ। ୨୪ ଅପରାଜିତ, ତୁଷାର ଦେଶପାଣ୍ଡେ ୨/୫୩, ମହୀଶ ତୀକ୍ଷଣା ୨/୫୪) ରାଜସ୍ଥାନ ରୟାଲ୍‌ସ ୧୯.୨ ଓଭରରେ ୧୫୯ (ସିମରନ୍ ହେଟମାୟର ୫୨, ସଞ୍ଜୁ ସାମସନ ୪୧, ରିୟାନ ପରାଗ ୨୬, ପ୍ରସିଦ୍ଧ କ୍ରିଷ୍ଣା ୩/୨୪, ସାଇ କିଶୋର ୨/୨୦)।




# ରାଜସ୍ଥାନ ଅଧିନାୟକଙ୍କୁ ଜରିମାନା

ଅହମଦାବାଦ,୧୦।୪(ଏଜେନ୍ସି): ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳାଯାଇଥିବା ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ଏକ ସ୍ଲୋ ଓଭର ରେଟ୍ ପାଇଁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍‌ସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

ବୁଧବାର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଗୁଜରାଟ ୨୧୮ରନର ଟାର୍ଗେଟ ଧାର୍ଯ୍ୟ କରିଥିଲା ରୟାଲ୍ସ ଦଳ ୧୯.୨ ଓଭରରେ ୧୫୯ ରନ କରି ଅଲଆଉଟ ହୋଇଯାଇଥିଲା ଗୁଜରାଟ ଏହି ମ୍ୟାଚ ୫୮ରନରେ ଜିତି ନେଇଥିଲା ମ୍ୟାଚରେ ଧାର୍ଯ୍ୟ ସମୟ ମଧ୍ୟରେ ଗୋଟିଏ ଓଭର ପଛରେ ରହିଯାଇଥିବାରୁ ରାଜସ୍ଥାନ ରୟାଲ୍ସ ଅଧିନାୟକଙ୍କୁ ଜରିମାନା କରାଯାଇଥିବା ଆଇପିଏଲ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

ଆଇପିଏଲ ଆଚରଣ ସଂହିତାର ଧାରା ୨.୨୨ ଅଧୀନରେ ରାଜସ୍ଥାନ ଦଳର ସିଜନରେ ଏହା ହେଉଛି ଦ୍ୱିତୀୟ ଅପରାଧ ଯେଉଁଥିରେ କି ସର୍ବନିମ୍ନ ଓଭରରେଟ୍ ଅପରାଧ ପାଇଁ ସାମସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

ଇମ୍ପାକ୍ଟ ଖେଳାଳିଙ୍କ ସମେତ ଦଳର ଅନ୍ୟ ଖେଳାଳିମାନଙ୍କୁ ୬ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ ଫିର ୨୫ ପ୍ରତିଶତ ଜରିମାନା ଦେବାକୁ ପଡ଼ିବ, ଯାହାର ପରିମାଣ କମ୍ ରହିବ ଗୁଜରାଟ ଟାଇଟନ୍ସ ବର୍ତ୍ତମାନ ସୁଦ୍ଧା ଖେଳିସାରିଥିବା ୫ଟି ମ୍ୟାଚରେ ୪ ବିଜୟ ଓ ଗୋଟିଏ ପରାଜୟ ସହ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ପହ□ ପାରିଛି। ଅନ୍ୟପକ୍ଷରେ ରାଜସ୍ଥାନ ୫ଟି ଗେମ୍‌ରୁ ୨ ବିଜୟ ଓ ୩ ପରାଜୟ ସହ ଟେବୁଲର ୭ମ ସ୍ଥାନରେ ରହିଛି।



# ଧୋନୀ ପୁଣି ସିଏସ୍‌କେ ଅଧିନାୟକ

ଚେନ୍ନାଇ,୧୦।୪: ଆଇପିଏଲ ୨୦୨୫ ମଝିରେ ଚେନ୍ନାଇ ସୁପର କିଙ୍ଗସକୁ ଏକ ବଡ଼ ଝଟକା ଲାଗିଛି। ଦଳର ଅଧିନାୟକ ଋତୁରାଜ ଗାୟକ୍‌ଡ ଆହତ ହୋଇଛନ୍ତି ଗାୟକ୍‌ଡ ଆଘାତ ଏତେ ଗମ୍ଭୀର ଯେ, ସେ ଏହି ସିଜିନରେ ଖେଳିପାରିବେ ନାହିଁ ଗାୟକ୍ୱାଡଙ୍କ କହୁଣୀରେ ଆଘାତ ଲାଗିଛି। ଏ ସମ୍ପର୍କରେ, ଚେନ୍ନାଇ ସୁପର କିଙ୍ଗ୍ସ ଏକ୍ସ ମାଧ୍ୟମରେ ଏକ ଅପଡେଟ ଶେୟାର କରିଛି।

### ଆହତ ଗାୟକ୍ୱାଡ ସିଜିନରୁ ବିଦା

ସିଏସକେ ପୁଣିଥରେ ଅଭିଜ୍ଞ ଉଇକେଟକିପର ବ୍ୟାଟସମ୍ୟାନ ମହେନ୍ଦ୍ର ସିଂହ ଧୋନୀଙ୍କୁ ଅଧିନାୟକ ଦାୟିତ୍ୱ ହସ୍ତାନ୍ତର କରିଛି। ଧାନୀଙ୍କ ଅଧିନାୟତ୍ୱରେ, ମୋଟ ପା□ ଥର ଟାଇଟଲ ଜିତିଛି। ଚେନ୍ନାଇ ୨୦୧୦, ୨୦୧୧, ୨୦୧୮, ୨୦୨୧ ଏବଂ ୨୦୨୩ରେ ଆଇପିଏଲ ଟ୍ରଫି ଜିତିଥିଲା।ଧୋନୀ ୨୦୨୨ ସିଜିନରେ ରବିନ୍ଦ୍ର ଜାଡେଜାଙ୍କୁ ଅଧିନାୟକ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କିନ୍ତୁ ସିଜିନ୍ ମଝିରେ ଜାଡେଜା ଅଧିନାୟକ ପଦ ଛାଡିଦେଲେ ଏବଂ ଧୋନୀଙ୍କୁ ଦାୟିତ୍ୱ ଗ୍ରହଣ କରିବାକୁ ପଡିଲା। ଏହା ପରେ, ୨୦୨୪ରେ ଗାୟକ୍‌ଡଙ୍କୁ ଅଧିନାୟକ କରାଯାଇଥିଲା।

ଗାୟକ୍‌ଡ ଆଇପିଏଲ ୨୦୨୫ରେ ଚେନ୍ନାଇ ପାଇଁ ପା□ଟି ମ୍ୟାଚ ଖେଳିଥିଲେ। ଏହି ସମୟ ମଧ୍ୟରେ ସେ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ଗାୟକ୍‌ଡ ୩ଟି ମ୍ୟାଚରେ କିଛି ବିଶେଷ କରିପାରି ନ ଥିଲେ। କିନ୍ତୁ ସେ ଦୁଇଟି ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ ।ସେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୫୩ ରନର ଏକ ଇନିଂସ ଖେଳିଥିଲେ। କିନ୍ତୁ ଏବେ ଗାୟକ୍‌ଡ ଆହତ ହୋଇଛନ୍ତି।

ଚେନ୍ନାଇ ସୁପର କିଙ୍ଗ୍ସ ଏହି ସିଜିନରେ ଏପର୍ଯ୍ୟନ୍ତ ପା□ଟି ମ୍ୟାଚ ଖେଳିଛି।ଦଳ କେବଳ ଗୋଟିଏ ମ୍ୟାଚ ଜିତିଛି ଏବଂ ୪ଟିରେ ହାରିଛି।ସିଏସକେ ବର୍ତ୍ତମାନ ପଏଣ୍ଟ ଟେବୁଲରେ ନବମ ସ୍ଥାନରେ ଅଛି।ଚେନ୍ନାଇକୁ ଆରସିବି, ରାଜସ୍ଥାନ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ପଞ୍ଜାବ କିଙ୍ଗ୍ସ ପରାସ୍ତ କରିଥିଲେ।



# ଭାରତରେ ହେବ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା : କ୍ରୀଡ଼ା ମନ୍ତ୍ରୀ

ନୂଆଦିଲ୍ଲୀ,୧୦।୪: ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଭାରତକୁ ମିଳିବ। ଏହି ଇଭେଣ୍ଟ ଆୟୋଜନ ଲାଗି କାନାଡା ଓ ନାଇଜେରିଆ। ଇଚ୍ଛା ପ୍ରକଟ କରୁଥିବା ସତ୍ତ୍ୱେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏଭଳି ଦୃଢ଼ୋକ୍ତି ଦେଇଛନ୍ତି। ମାର୍ଚ୍ଚ ୩୧ ତାରିଖ ସମୟସୀମା ମଧ୍ୟରେ ଉଭୟ କାନାଡା ଓ ନାଇଜେରିଆ। ଏକ୍ସପ୍ରେଶନ ଅଫ ଇଣ୍ଟରେଷ୍ଟ (ଇଓଆଇ) ଦାଖଲ କରିଛନ୍ତି।

ସୂଚନା ମିଳିଛି ଯେ, କାନାଡା ଓ ନାଇଜେରିଆ। ଇଚ୍ଛା ପ୍ରକଟ କରିଛନ୍ତି କିନ୍ତୁ ଆମେ ନିଶ୍ଚିତ ଯେ, ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିବ ଯଦି ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳେ, ତେବେ ଆମେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଦକ୍ଷ ବୋଲି ପ୍ରଦର୍ଶିତ କରିପାରିବୁ।ଏ ସଂକ୍ରାନ୍ତରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ସହ ପରାମର୍ଶ ଚାଲିଛି ଜୁନରେ ନୂଆ। ଆଇଓସି ସଭାପତି କ୍ରିଷ୍ଟି କୋଭେଣ୍ଟ୍ରି ଦାୟିତ୍ୱ ନେଲା ପରେ ଭାରତ ତାର ଯୋଜନାକୁ ପ୍ରଦର୍ଶିତ କରିବାକୁ ପ୍ରସ୍ତୁତ ବୋଲି ମାଣ୍ଡବ୍ୟ କହିଛନ୍ତି।ଆସନ୍ତା ବର୍ଷ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅଷ୍ଟ୍ରେଲିଆର ଭିକ୍ଟୋରିଆ। ବଦଳରେ ଗ୍ଲାସଗୋରେ ହେବ ଆୟୋଜନ ଲାଗି ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଭିକ୍ଟୋରିଆ। ଆୟୋଜନରୁ ପଛଘୁ□। ଦେଉଛି। ଏଥିଯୋଗୁ ପରବର୍ତ୍ତୀ ସଂସ୍କରଣ ଗ୍ଲାସଗୋରେ ହେବ ଏବଂ ଏଥିରୁ ବକ୍ସିଂ, ରେସଲିଂ, ହକି, କ୍ରିକେଟ, ବ୍ୟାଡ୍‌ମିଣ୍ଟନ ଓ ଶୁଟିଂ ଆଦି ଇଭେଣ୍ଟକୁ ବାଦ ଦିଆଯାଇଛି।



# ପ୍ରିୟାଂଶ ଆର୍ଯ୍ୟଙ୍କୁ ନେଇ ପ୍ରୀତି ଗର୍ବିତ



ନୂଆଦିଲ୍ଲୀ,୧୦।୪: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ରେ, ପଞ୍ଜାବ କିଙ୍ଗସର ଓପନର ପ୍ରିୟାଂଶ ଆର୍ଯ୍ୟ ଚେନ୍ନାଇ ସୁପର କିଙ୍ଗସ ବିପକ୍ଷରେ ଏକ ଶତକ ହାସଲ କରି ପଞ୍ଜାବ କିଙ୍ଗସର ସହ-ମାଲିକ ଏବଂ ବଲିଉଡ୍ ଅଭିନେତ୍ରୀ ପ୍ରୀତି ଜିଣ୍ଟାଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ପ୍ରୀତି ଯୁବ ବ୍ୟାଟସମ୍ୟାନଙ୍କ ପ୍ରଶଂସା କରି କହିଛନ୍ତି ଯେ ସେ କ୍ରିକେଟର ଏହି ବିସ୍ଫୋରକ ଖେଳରେ ଏକ ଉଜ୍ଜ୍ୱଳ ତାରା ଉଦୟ ହେଉଥିବା ଦେଖିଛନ୍ତି। ପଞ୍ଜାବ କିଙ୍ଗସ୍ ଏବଂ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରିୟାଂଶ ଆର୍ଯ୍ୟ ୩୯ ବଲ୍‌ରେ ଶତକ ହାସଲ କରିଥିଲେ, ଯାହା ଆଇପିଏଲ୍ ଇତିହାସରେ ଚତୁର୍ଥ ଦ୍ରୁତତମ ଶତକ। ପ୍ରୀତି ତାଙ୍କ ଇନଷ୍ଟାଗ୍ରାମରେ ପ୍ରିୟାଂଶଙ୍କ ସହ କିଛି ଫଟୋ ସେୟାର କରି ଲେଖିଛନ୍ତି, ସେହି ରାତିଟି ବହୁତ ସ୍ୱତନ୍ତ୍ର ଥିଲା ଆମେ କ୍ରିକେଟର ଏକ ବିସ୍ଫୋରକ ଖେଳ, ଜଣେ କିମ୍ବଦନ୍ତୀଙ୍କ ଗର୍ଜନ ଏବଂ ଏକ ଉଜ୍ଜ୍ୱଳ ତାରା ଜନ୍ମ ଦେଖିଲୁ। ସେ ଆହୁରି ମଧ୍ୟ କହିଛନ୍ତି, ମୁଁ କିଛି ଦିନ ପୂର୍ବେ ଆମର ଅନ୍ୟ କିଛି ଯୁବ ଖେଳାଳିଙ୍କ ସହ ୨୪ ବର୍ଷୀୟ ପ୍ରିୟାଂଶ ଆର୍ଯ୍ୟଙ୍କୁ ଭେଟିଥିଲି। ସେ ଶାନ୍ତ, ଲାଜକୁଳା ଥିଲେ ଏବଂ ପଦେ ବି କିଛି କହି ନଥିଲେ। ଯୁବ କ୍ରିକେଟରଙ୍କ ପାଇଁ ପ୍ରୀତି କହିଥିଲେ, ଆମେ ତାଙ୍କ ପାଇଁ ଗର୍ବିତ, ହସ ଏବଂ ଚମକ ବଜାୟ ରଖ ପ୍ରୀତି କହିଛନ୍ତି ଯେ ତୁମେ କେବଳ ମୋତେ ନୁହେଁ ବରଂ ଖେଳ ଦେଖିବାକୁ ଆସିଥିବା ସମସ୍ତ ଲୋକଙ୍କୁ ମନୋରଞ୍ଜନ କଲ। ଏଥିପାଇଁ ଆପଣଙ୍କୁ ଧନ୍ୟବାଦ ଆର୍ଯ୍ୟଙ୍କ ଚତୁର୍ଥ ଆଇପିଏଲ ଇନିଂସରେ ଚମତ୍କାର ଶତକ ତାଙ୍କୁ ଟି-୨୦ ଫ୍ରା□ାଇଜ୍ ଲିଗ୍ ବିଶ୍ୱର ସବୁଠାରୁ ବଡ଼ ମ□ରେ ପହ□ିବାର ସଙ୍କେତ ଦେଇଛି ।ଆଇପିଏଲ ୨୦୨୫ ପାଇଁ ପଞ୍ଜାବ କିଙ୍ଗ୍ସ ରେ ଯୋଗ ଦେବା ପୂର୍ବରୁ, ଆର୍ଯ୍ୟ ଭୋପାଳର ରେଳ ଷ୍ଟେସନରୁ ୨୦ କିଲୋମିଟର ଦୂରରେ ଥିବା ଲାଲ ବାହାଦୁର ଶାସ୍ତ୍ରୀ ଏକାଡେମୀରେ ସଞ୍ଜୀୟ ଭରଦ୍ୱାଜଙ୍କ ଅଧୀନରେ ତାଲିମ ନେଇଥିଲେ।

### କେନ୍ଦୁଝରରେ...

ଶିଶୁ ବାଟିକା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ପଞ୍ଚଶଖା ଶିକ୍ଷା ସେତୁ ଅଭିଯାନ ଆଦି ଯୋଜନା ଜରିଆରେ ସ୍କୁଲ ଶିକ୍ଷାର ସୁଦୃଢ଼ୀକରଣ ପାଇଁ ପଦକ୍ଷେପ ନିଆଯାଉଛି। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନିକଟରେ ଆରମ୍ଭ ହୋଇଥିବା ଶିଶୁ ବାଟିକା ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି, ବୋଲି ସେ କହିଥିଲେ। ଏହି ଅବସରରେ ଝୁମ୍ପୁରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୭ତମ ବାର୍ଷିକ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରସ୍ୱତୀ ଶିଶୁ ମନ୍ଦିରର ପାଠପଢ଼ା ଶୈଳୀ ସମସ୍ତଙ୍କଠାରୁ ଭିନ୍ନ ଏଠାରେ ପିଲାଙ୍କ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଏ ତା ସହିତ ପିତାମାତା, ଗୁରୁ ତଥା ଗୁରୁଜନମାନଙ୍କୁ ସମ୍ମାନ, ସାନ ମାନଙ୍କୁ ଆଦର ଏବଂ ସାମାଜିକ ସୌହାର୍ଦ୍ଦ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ ଶିଶୁ ମନ୍ଦିରରେ ପାଠ ପଢ଼ିଥିବା ଛାତ୍ରଛାତ୍ରୀ ପ୍ରାୟତଃ ସମାଜରେ ବିପଥଗାମୀ ହୁଅନ୍ତି ନାହିଁ।

ସେହିପରି ରିଜର୍ଭ ପୁଲିସ ଗ୍ରାଉଣ୍ଡ ଠାରେ ପହଞ୍ଚି ସେଠାରୁ ଦିନ ୧୧ଟା ସମୟରେ ହ୍ୟାଣ୍ଡବଲ ଷ୍ଟାଡିୟମ ଯାଇ ସେଠାରେ ଚାଲିଥିବା ୩୯ତମ ସବ ଜୁନିୟର ବାଳକ ହ୍ୟାଣ୍ଡବଲ ଚମ୍ପିୟାନ ସିପରେ ଯୋଗ ଦେଇଥିଲେ। ତାଙ୍କ ସହ ପାଟଣା ବିଧାୟକ ଡାକ୍ତର ଫକିର ମୋହନ ନାଏକ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀଙ୍କୁ ଏଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜୟ ଜଗନ୍ନାଥ ଜୟ ମା ତାରିଣୀ କହି ଖେଳାଳିଙ୍କୁ ସମ୍ବୋଧନ କରିଥିଲେ। ପରେ ପରେ ହିନ୍ଦୀରେ ମଧ୍ୟ ଖେଳାଳୀ ମାନଙ୍କୁ ଅଭିଭାଷଣ ଓ ଶୁଭେଚ୍ଛା ଜଣାଇଥିଲେ ହ୍ୟାଣ୍ଡବଲ ଖେଳ ପାଇଁ କେନ୍ଦୁଝର ପ୍ରସିଦ୍ଧ ଓ ୧୯୮୦ରେ ପ୍ରଥମେ ଏଠାରେ ଜାତୀୟ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗୀତା ହେଇଥିଲା। ଦୀର୍ଘ ୪୫ ବର୍ଷ ପରେ ପୁଣି ଏଠାରେ ଜାତୀୟ ପ୍ରତିଯୋଗିତାର ସୌଭାଗ୍ୟ ମିଳିଛି ବୋଲି କହିଥିଲେ ହ୍ୟାଣ୍ଡବଲ ଖେଳ ଆଜି ସମସ୍ତଙ୍କୁ ଏକାଠି କରିପାରିଛି। ଏହି ଖେଳର ମୂଲ୍ୟବୋଧକୁ ବୁଝି ଆଗକୁ ବଢିବାକୁ ଆହ୍ୱାନ ଦେଇଥିଲେ। ଏ ସରକାର କ୍ରୀଡାକୁ ପ୍ରାଧାନ୍ୟ ଦେଉଛନ୍ତି ଓ କ୍ରୀଡାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗଢ଼ି ତୋଳିବାକୁ ପ୍ରତି ବ୍ଲକରେ ମଧ୍ୟ ଖେଳକୁ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରତି ବ୍ଲକରେ ଖେଳ ପଡିଆ। ଓ ପଞ୍ଚାୟତରେ ମିନି ଷ୍ଟାଡିୟମ ହେବ ଓ ଗୋଟିଏ ଗୋଟିଏ ଇନଡୋର ଷ୍ଟାଡିୟମ ମଧ୍ୟ ହେବ ୧୪ଟି ଇନଡୋର ସୁଇମିଂ ପୁଲ, ତୀରନ୍ଦାଜ ଉନ୍ନତି ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦୁଝରର ହ୍ୟାଣ୍ଡବଲ ପଡିଆ। ଏସିଆ ମହାଦେଶର ପ୍ରଥମ ସିନ୍ଥେଟିକ ପଡ଼ିଆ ଆମ ସରକାର ଖେଳ ସହ ରାଜ୍ୟର ବିକାଶ ପାଇଁ ଗୁରୁତ୍ୱ ଦେଉଛନ୍ତି। ହ୍ୟାଣ୍ଡବଲର ଆହୁରି ଉନ୍ନତି ସହ ଅନ୍ତର୍ଜାତୀୟ ସ୍ତରର ଖେଳାଳୀ ପ୍ରସ୍ତୁତ ପାଇଁ ଯାହା ଦରକାର ସରକାର ପ୍ରଦାନ କରିବେ ବୋଲି ଆହ୍ୱାନ ଦେଇଥିଲେ। ଏଥି ସହ ରାଜ୍ୟରୁ ପ୍ରଥମ ଥର ପାଇଁ ଭାରତର ଜୁନିୟର ଟିମର ଯୁଗ୍ମ ପ୍ରଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ପ୍ରଣୟ କୁମାର ପାଣିଙ୍କୁ ଷ୍ଟେଜକୁ ଡାକି ସମ୍ବର୍ଦ୍ଧିତ କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ